ISSN -2583-147X (P), **Vol.- 10, Issue No.II, May 2024**
**Bastabatara Pariprakash Prachee**
***Peer Reviewed and Referred Research Journal***

# ଅସ୍ତିତ୍ୱବାଦୀ ଚିନ୍ତନର ସଫଳ ଚିନ୍ତାନାୟକ ଗାଳ୍ପିକ ରବି ପଟ୍ଟନାୟକ

**ଡକ୍ଟର ସ୍ୱପ୍ନାରାଣୀ ସିଂହ**

ଓଡିଆ ଗଳ୍ପ ସାହିତ୍ୟ ଜଗତ ଯେଉଁ ବିଦ୍ଧାଣୀମାନଙ୍କ ଦ୍ୱାରା ପରିପୁଷ୍ଟ ହୋଇଛି ସେମାନଙ୍କ ମଧ୍ୟରୁ ଗାଳ୍ପିକ ରବି ପଟ୍ଟନାୟକ ହେଉଛନ୍ତି ଅନ୍ୟତମ । ଆଧୁନିକ ଓ ଉତ୍ତର ଆଧୁନିକ କାଳରେ ଓଡିଆ ସାହିତ୍ୟରେ ହୋଇଥିବା ବହୁଗୁଡିଏ ନୂତନ ପରୀକ୍ଷା ନିରୀକ୍ଷାକୁ ଶ୍ରୀଯୁକ୍ତ ପଟ୍ଟନାୟକ କେବଳ ଉପଲବ୍ଧି କରିନାହାନ୍ତି ତାହାର ସଫଳ ପ୍ରୟୋଗ ମଧ୍ୟ ତାଙ୍କ ଗଳ୍ପଗୁଡିକୁ ରୁଦ୍ଧିମନ୍ତ କରିଛି । ନିଉଟନଙ୍କର ଗତିର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ନିୟମ (Newton's First, Second and Third Law of Motion), ରଚନାତ୍ମକ ଦୃଶ୍ୟ (Creative Visualisation) ଭଳି ବିଜ୍ଞାନ ଠାରୁ ଆରମ୍ଭ କରି ନାରୀବାଦ, ନାରୀ ଓ ପୁରୁଷ ମଧ୍ୟର ବିବାଦ (Biological Conflict), ମନସ୍ତତ୍ତ୍ୱ, ଉତ୍ତର- ମନସ୍ତତ୍ତ୍ୱ ଏବଂ ବାମପନ୍ଥୀ ଚିନ୍ତାଧାରା ଆଦିର ସଫଳ ପ୍ରୟୋଗ ତାଙ୍କ ଗଳ୍ପ ଗୁଡିକରେ ଦେଖିବାକୁ ମିଳେ । ଏହି ଦୃଷ୍ଟିକୋଣରୁ ଶ୍ରୀଯୁକ୍ତ ପଟ୍ଟନାୟକଙ୍କ ଦ୍ୱାରା ରଚିତ ଗଳ୍ପଗୁଡିକ କେତେକ ସଂକଳନ ଯେପରି ଅସାମାଜିକର ଡାଏରୀ (୧୯୬୪), ଅନ୍ଧଗଳିର ଅନ୍ଧକାର (୧୯୭୨), ରାଗ ତୋଡି (୧୯୭୯), ବହୁରୂପୀ (୧୯୭୯), ହିରଣ୍ୟଗର୍ଭ (୧୯୮୨), ଗଳ୍ପ (୧୯୮୨), ବିଷୁବରେଖା (୧୯୮୩), ରାଜାରାଣୀ (୧୯୮୭), ବନ୍ଧ୍ୟା ଗାନ୍ଧାରୀ (୧୯୮୮), ଅମରିଲତା (୧୯୯୦), ବିଚିତ୍ରବର୍ଣ୍ଣା (୧୯୯୧), ଛାୟାପୁତ୍ରର କାଳ (୧୯୯୧) ଆଦିରେ ପ୍ରକାଶିତ । ଉପରବର୍ଣ୍ଣିତ ଚିନ୍ତାଧାରାଗୁଡିକ ମଧ୍ୟରୁ ଯେଉଁ ଚିନ୍ତାଧାରାଟି ଶ୍ରୀଯୁକ୍ତ ପଟ୍ଟନାୟକଙ୍କୁ ବିଶେଷ ଭାବେ ପ୍ରଭାବିତ କରିଛି ତାହା ହେଉଛି ଉଭୟ ଆଧୁନିକ ଓ ଉତ୍ତର ଆଧୁନିକ କାଳରେ ପକ୍ଷବିସ୍ତାର କରିଥିବା ଏକ ପ୍ରଭାବଶାଳୀ ଦର୍ଶନ Existentialisma ଅସ୍ତିତ୍ୱବାଦ । ତେଣୁ ଶ୍ରୀଯୁକ୍ତ ପଟ୍ଟନାୟକଙ୍କର ଗଳ୍ପଗୁଡିକୁ ଏହି ଧାରାରେ ବୁଝିବା ପାଇଁ ପ୍ରଥମେ ଅସ୍ତିତ୍ୱବାଦ ଦର୍ଶନ ଉପରେ ସାମାନ୍ୟ ଦୃଷ୍ଟିପାତ କରାଯାଇପାରେ ।

ସଂପ୍ରତି ବିଶ୍ୱ ସାହିତ୍ୟରେ ଦେଖା ଦେଇଥିବା ବହୁଗୁଡିଏ ନୂତନ ଚିନ୍ତାଚେତନା ମଧ୍ୟରେ ଅସ୍ତିତ୍ୱବାଦ ହେଉଛି ଏକ ପ୍ରମୁଖ ଚିନ୍ତନ । ମାତ୍ର ବୃହତ୍ତ ଅର୍ଥରେ କହିବାକୁ ଗଲେ ଅଥବା ବୁଝିବାକୁ ଗଲେ ଅସ୍ତିତ୍ୱବାଦ କୌଣସି 'ବାଦ' ନୁହେଁ । କାରଣ ବାଦ କହିଲେ ଜନ୍ମ ନିଏ ଏକ ସମ୍ପ୍ରଦାୟ । ଯାହା ଅସ୍ତିତ୍ୱବାଦୀ ଚିନ୍ତନ କ୍ଷେତ୍ରରେ ଲକ୍ଷଣୀୟ ହୋଇ ନଥାଏ । କାରଣ ଅସ୍ତିତ୍ୱବାଦ କହିଲେ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ଚିନ୍ତାଧାରାକୁ ବୁଝାଇ ନଥାଏ । ପୁନଶ୍ଚ ଅସ୍ତିତ୍ୱବାଦୀ ଦାର୍ଶନିକ ସମସ୍ତେ ପ୍ରାୟତଃ ଭିନ୍ନଭିନ୍ନ ଚିନ୍ତାଧାରା ପ୍ରକାଶ କରିଥାଆନ୍ତି । ତେଣୁ ଏହାର ଗୋଟିଏ ନିର୍ଦ୍ଦିଷ୍ଟ ସ୍କୁଲ ଥିବା ଜଣାଯାଇ ନଥାଏ । ଏହିଭଳି କେତେକ କାରଣରୁ ଆଜି ଅସ୍ତିତ୍ୱବାଦୀ ଚିନ୍ତାଧାରାକୁ କେନ୍ଦ୍ରକରି ଅନେକ ବିବାଦ ଦେଖିବାକୁ ମିଳେ । ଅନେକ ସମାଲୋଚକ ତେଣୁ ଏହାକୁ ଏକ ସକାରାତ୍ମକ ଦର୍ଶନ ଅପେକ୍ଷା ନକାରାତ୍ମକ ଦର୍ଶନ ଭାବେ ପ୍ରତିଫଳିତ କରିଥାଆନ୍ତି । କେତେକ ପୁଣି ଏହାକୁ ଏକ 'କଟ୍ଟରପନ୍ଥୀ ବ୍ୟକ୍ତିବାଦ' ତ କେତେକ 'ନିରାଶାବଦୀ ଦର୍ଶନ' ବୋଲି କହି ଥାଆନ୍ତି । ସାଧାରଣତଃ ଏହାକୁ ଏକ ନକାରାତ୍ମକ ଦର୍ଶନ ଭାବେ ଗ୍ରହଣ କରାଯିବା ପଛରେ କେତେକ କାରଣ ଥିବା ଜଣାଯାଏ । ପ୍ରଥମତଃ ଏହା ଏକ ନୂତନ ଦର୍ଶନ । ବିଂଶ ଶତାବ୍ଦୀର ଦ୍ୱିତୀୟ ଅଥବା ତୃତୀୟ ଦଶକ ଅର୍ଥାତ୍ ୧୯୪୦/୧୯୫୦ ମଧ୍ୟରେଏହି ଦର୍ଶନର ଆର୍ବିଭାବ ଘଟିଛି । (୧,୨,୩) ତେଣୁ ଏହାର ପ୍ରତ୍ୟେକଟି ପକ୍ଷକୁ ବୁଝିବା

ସମୟସାପେକ୍ଷ । ତେଣୁ ଅଧିକାଂଶ କେବଳ ଏହାର ଗୋଟିଏ ଦିଗକୁ ପରଖି ନିଜର ମତପ୍ରକାଶ କରିଥାଆନ୍ତି । ଦ୍ୱିତୀୟତଃ ଅସ୍ତିତ୍ୱବାଦୀ ମାନଙ୍କର ମୃତ୍ୟୁ ପ୍ରତି ସକାରାତ୍ମକ ଦୃଷ୍ଟିଭଙ୍ଗୀ ବା Death Reality (୪) ଭଳି ଚିନ୍ତନ ଏହି ଦର୍ଶନକୁ ନକାରାତ୍ମକରେ ପରିଣତ କରିଛି । ତୃତୀୟତଃ ଦର୍ଶନ ସର୍ବଦା ସାହିତ୍ୟକୁ ପ୍ରଭାବିତ କରିଥାଏ । ଅନ୍ୟ ଭାବେ କହିଲେ ଦର୍ଶନର ଆବିର୍ଭାବ ହେବାପରେ ସାହିତ୍ୟରେ ତା'ର ପ୍ରୟୋଗ ହୋଇଥାଏ । ମାତ୍ର ଅସ୍ତିତ୍ୱବାଦ ହେଉଛି ଏକ ଏପରି ଦର୍ଶନ ଯାହାର ସାହିତ୍ୟିକ ରୂପ ପରେ ଦର୍ଶନ ହୋଇଛି ଏବଂ ବିକଶିତ ହେବାପରେ ଏହା ପୁଣି ସାହିତ୍ୟକୁ ପ୍ରଭାବିତ କରିଛି । ଏହିଭଳି ବିଭିନ୍ନ କାରଣକୁ ବାଦ୍ ଦେଇ ଯଦି ଏହି ଦର୍ଶନର ଗଭୀରତାକୁ ପ୍ରବେଶ କରାଯାଏ ତେବେ ଏହି ଦର୍ଶନର ସକାରାତ୍ମକ ଦିଗଟିକୁ ଜାଣିବା ସମ୍ଭବ ହୋଇପାରିବ । ସାଧାରଣତଃ ଏହି ଦର୍ଶନର ଆବିର୍ଭାବ ମୂଳରେ ଥିଲା ହେଗେଲଙ୍କର ବ୍ରହ୍ମବାଦ (Absolute Idealism) ଏବଂ ଅତ୍ୟନ୍ତ ବୁଦ୍ଧିବାଦ । ଗୋଟିଏ ସମୟରେ ହେଗେଲଙ୍କର ଦର୍ଶନ ଫଳରେ ମଣିଷର ସମସ୍ତ ସ୍ୱତନ୍ତ୍ରତା ନଷ୍ଟ ହୋଇଗଲା । ମଣିଷ ହେଉଛି ଭଗବାନ ହାତର କ୍ରୀଡାନକ ବୋଲି ପ୍ରମାଣ କଲେ ହେଗେଲ୍ । ହେଗେଲଙ୍କର ଏହି ଦର୍ଶନକୁ କୁହାଗଲା 'Panlogism' ସେ ଉକ୍ତି ପ୍ରଦାନ କଲେ ଯେ- "The universe is the act or realization of logos, and therefore logic and ontology are the same study".(୫) Logic ପରମ ସତ୍ୟ ଏବଂ ମଣିଷ ଯିଏକି Emotion ସେ ହେଉଛି Logic ହାତର ଖେଳନା । ସେ ମଣିଷର ସବୁ ସ୍ୱତନ୍ତ୍ରତା ନଷ୍ଟ କରିଦେଲେ । ଏହାଦ୍ୱାରା ସମଗ୍ର ୟୁରୋପରେ ଦେଖା ଦେଲା ଏକ ବିଦ୍ରୋହ ଯାହାକୁ କୁହାଗଲା 'Romantic Reaction Against Hegel' ଏବଂ ଏହାରି ମାଧ୍ୟମରେ ହେଗେଲଙ୍କର ସିଦ୍ଧାନ୍ତକୁ ଭାଙ୍ଗିବାକୁ ଉଦ୍ୟମ କରାଗଲା । ଏହି ପ୍ରତିକ୍ରିୟାରୁ ସୃଷ୍ଟି ବିଭିନ୍ନ ଦର୍ଶନ ମଧ୍ୟରୁ ଅସ୍ତିତ୍ୱବାଦ ହେଉଛି ଏକ ପ୍ରମୁଖ ଦର୍ଶନ । ସମଗ୍ର ବିଶ୍ୱରେ ସୃଷ୍ଟି ଶହ ଶହ ଦର୍ଶନ ମଧ୍ୟରୁ ବଞ୍ଚିତ ଓ ଅବହେଳିତ ବ୍ୟକ୍ତି ଏବଂ ବ୍ୟକ୍ତିର ବ୍ୟକ୍ତିତ୍ୱ ବା ବ୍ୟକ୍ତିସତ୍ତାକୁ କେନ୍ଦ୍ରକରି ଗଢିଉଠିଥିଲା ଏହି ଦର୍ଶନ । ମଣିଷ ମୁକ୍ତ ସେ କାହାର ଦାସ ନୁହେଁ । ମଣିଷ ଯେଉଁଦିନ ଏହି କଥାକୁ ଅନୁଭବ କରିବ ସେହିଦିନ ମଣିଷ ଜାତିର କଲ୍ୟାଣ ସାଧନ ହେବ । ଏପରିକି ଅସ୍ତିତ୍ୱବାଦୀ ସାତ୍ରେ କହିଛନ୍ତି- "Man is condemned to be free"(୬) ସ୍ୱାଧୀନତା ମଣିଷର ଭାଗ୍ୟ । ତେଣୁ Existence precedes essence ଅସ୍ତିତ୍ୱ ପ୍ରଥମେ ସାର ପରେ ଯାହା ଜଡ ତାହାର ସାର ବା ତତ୍ତ୍ୱ ପ୍ରଥମେ ଆସେ ଏବଂ ଅସ୍ତିତ୍ୱ ପରେ ଆସେ । ମାତ୍ର ମନୁଷ୍ୟ କ୍ଷେତ୍ରରେ ଏପରି ହୁଏନି । ମଣିଷ ପ୍ରଥମେ ଅସ୍ତିତ୍ୱବାନ ହୁଏ ଓ ପରେ ସାର ଆସେ ଅର୍ଥାତ୍ ମଣିଷ ନିଜେ ସ୍ଥିର କରେ ସେ କିଏ ଏବଂ ସେ କଣ କରିବ । ତେଣୁ ଏହି ଦର୍ଶନ ବ୍ୟକ୍ତିର ଅସ୍ତିତ୍ୱ, ସ୍ୱାଧୀନତା ଓ ସ୍ୱତନ୍ତ୍ର ଚିନ୍ତନକୁ ଗୁରୁତ୍ୱ ଦେଇଥାଏ । ମଣିଷ ଗୋଟିଏ ଜାତି । ମାତ୍ର ବ୍ୟକ୍ତି ଏକ ସ୍ୱତନ୍ତ୍ର ସତ୍ତା । ତେଣୁ ମଣିଷ ପାଇଁ କୌଣସି ସାର୍ବଭୌମିକ ନିୟମ ବନା ଯାଇପାରିବ ନାହିଁ (There is no universal law for human behaviour) । ତେଣୁ ଆରିଷ୍ଟୋଟଲଙ୍କର -'Man is rational animal' ଏବଂ ରଷୋଙ୍କର 'Man is a political animal' ଭଳି ମତ ଏ କ୍ଷେତ୍ରରେ ଅଗ୍ରହଣୀୟ । ଏହି ରୂପେ ଅସ୍ତିତ୍ୱବାଦୀମାନେ ପ୍ରତ୍ୟେକଟି ବ୍ୟକ୍ତିର ଇଚ୍ଛା, ବିଚିତ୍ରତା, ବ୍ୟକ୍ତିଗତ ବିଭିନ୍ନତାକୁ ଗୁରୁତ୍ୱ ଦେବା ସହ ବ୍ୟକ୍ତିକୁ ନ୍ୟୁନ କରୁଥିବା ପ୍ରତ୍ୟେକଟି ଉପାଦାନ ଏପରିକି ବିଜ୍ଞାନକୁ ମଧ୍ୟ ବିରୋଧ କରିଥିଲେ । ବୃହତ ଅର୍ଥରେ କହିବାକୁ ଗଲେ ଅସ୍ତିତ୍ୱବାଦୀମାନେ ବିଶେଷକରି ବିଜ୍ଞାନବାଦ ବା Scientismକୁ ବିରୋଧ କରୁଥିଲେ । ଅସ୍ତିତ୍ୱବାଦୀଙ୍କ ମତରେ ମନୁଷ୍ୟ ବ୍ୟକ୍ତିତ୍ୱର ବିକାଶ ପାଇଁ, ବିକାଶରେ ସ୍ୱାଧୀନତା ପାଇଁ ଓ ବଞ୍ଚିବାରେ ଦାସତ୍ୱର ଭାର ଲଘୁ କରିବା ପାଇଁ ବିଜ୍ଞାନର ଉଦ୍ଭାବନ କରିଥିଲା । ମନୁଷ୍ୟ ପ୍ରକୃତିର ବିପୁଳ ଶକ୍ତିକୁ ବିଜୟ କରିବାକୁ ଚାହିଁଥିଲା ନିଜର ସ୍ୱାଧୀନତା ପାଇଁ, କିନ୍ତୁ ଏହି ବିଜ୍ଞାନ ମଣିଷର ଦାସ ହେବା ସ୍ଥଳେ ମଣିଷକୁ କରିଛି ଦାସ । ତେଣୁ ଅସ୍ତିତ୍ୱବାଦୀମାନଙ୍କ ମତରେ ମଣିଷ ପାଇଁ ଏକ ନୂତନ ବିଜ୍ଞାନର ଆବଶ୍ୟକତା ରହିଛି । ଯେଉଁଠି ବିଜ୍ଞାନ ନୁହେଁ ମଣିଷର ଅସ୍ତିତ୍ୱ ବଜାୟ ରହିବ । ପୁନଶ୍ଚ ମନୁଷ୍ୟର ବ୍ୟବହାର ଅଥବା ପ୍ରବୃତ୍ତିକୁ ବୁଝିବା ପାଇଁ ମନସ୍ତତ୍ତ୍ୱବିତ୍‌ମାନେ ଯେପରି ପଶୁର ସାହାଯ୍ୟ ନେଇଛନ୍ତି । ବିଶେଷକରି ମୂଷା ଓ କୁକୁଡା ଭଳି ପ୍ରାଣୀଙ୍କ ଉପରେ ପରୀକ୍ଷଣ କରି ମନସ୍ତତ୍ତ୍ୱବିତ୍ ମେସ୍‌ଲୋ ପ୍ରଦାନ କରିଥିବା ସିଦ୍ଧାନ୍ତ 'Hierarchy of needs' ରେ ମଣିଷର ପାଞ୍ଚଟି ଆବଶ୍ୟକତାର ପର୍ଯ୍ୟାୟ Psychological needs (ମନସ୍ତାତ୍ତ୍ୱିକ ଆବଶ୍ୟକତା) Safety needs (ସୁରକ୍ଷିତ ଆବଶ୍ୟକତା) Love and belonging (ପ୍ରେମ ଓ ସଂବନ୍ଧ), Esteem (କିର୍ତ୍ତୀ), Self-Actualization (ଆତ୍ମବୋଧ),(୭) କୁ ମଧ୍ୟ ଅସ୍ତିତ୍ୱବାଦୀମାନେ ବିରୋଧ କରିଛନ୍ତି । କାରଣ ବୃହତ୍ତ ଦୃଷ୍ଟିରୁ ଆଲୋଚନା କଲେ

ପ୍ରଥମତଃ ମଣିଷ ଓ ପଶୁ ମଧ୍ୟରେ ଅନେକ ପାର୍ଥକ୍ୟ ରହିଛି । ମଣିଷ ନିଜ ପରିବେଶ ଓ ପରିସ୍ଥିତି ଅନୁରୂପ ବ୍ୟବହାର କରିଥାଏ । ଯାହାକି ପଶୁକ୍ଷେତ୍ରରେ ଲକ୍ଷଣୀୟ ହୋଇନଥାଏ । ଦ୍ୱିତୀୟତଃ ଯଦି ବି ମଣିଷକୁ କେନ୍ଦ୍ରକରି କୌଣସି ପରୀକ୍ଷଣ କରାଯାଏ ତା ମାଧ୍ୟମରେ କିନ୍ତୁ ପ୍ରତ୍ୟେକଟି ବ୍ୟକ୍ତିକୁ କଳି ପାରିବା ଅସମ୍ଭବ । ଅନ୍ୟ ଭାବେ କହିଲେ ଗୋଟିଏ ପରୀକ୍ଷଣକୁ ପ୍ରତିଟି ବ୍ୟକ୍ତି ଉପରେ ଆରୋପ କରିବା ସମ୍ଭବ ନୁହେଁ । ଏହିଭଳି ବୈଚିତ୍ରରେ ପରିପୂର୍ଣ୍ଣ ମଣିଷକୁ କିନ୍ତୁ ଏତେକାଳ ପର୍ଯ୍ୟନ୍ତ କୌଣସି ଦର୍ଶନରେ ଗୁରୁତ୍ୱ ନ ଦେବା ବାସ୍ତବିକ ଆଶ୍ଚର୍ଯ୍ୟର ପ୍ରସଙ୍ଗ । ଏହା ପାଇଁ କିନ୍ତୁ ପ୍ରକୃତରେ ବିଚାର କରିବାକୁ ଗଲେ ଆଉ କେହି ନୁହେଁ ବ୍ୟକ୍ତି ନିଜେ ହିଁ ଦାୟୀ । ମଣିଷ ନିଜ ଭୁଲ୍ ଓ ଦୁର୍ବଳତାକୁ ଲୁଚାଇବା ପାଇଁ ଯେଉଁ ଉପାଦାନ ସୃଷ୍ଟି କଲା ତାହାର ନାମ ଦେଲା ଈଶ୍ୱର । ତେଣୁ ବ୍ୟକ୍ତିକୁ ଆତ୍ମନିର୍ଭରଶୀଳ କରିବାପାଇଁ ଅସ୍ତିତ୍ୱବାଦୀମାନେ ଏହି ଈଶ୍ୱରକୁ ମାରିବା ପ୍ରସଙ୍ଗ ଉତ୍‌ଥାପିତ କରିଥିଲେ । ଯାହାପାଇଁ ବିଶେଷକରି ଏହି ଦର୍ଶନକୁ ବିରୋଧ କରାଯିବା ସହ ଏହାକୁ ଏକ ନକାରାତ୍ମକ ଦର୍ଶନ ପର୍ଯ୍ୟାୟରେ ସ୍ଥାନିତ କରାଗଲା । ମାତ୍ର ବାସ୍ତବରେ କିରକେ ଗାର୍ଡଙ୍କ ଭଳି ଅସ୍ତିତ୍ୱବାଦୀଙ୍କର ଏହି ମୃତ ଭଗବାନ ମନ ଭିତରର ବା ବିଶ୍ୱାସର ଭଗବାନ ନୁହେଁ । ଏହା ହେଉଛି ଧର୍ମସଂସ୍ଥା ଦ୍ୱାରା ବ୍ୟକ୍ତିକୁ ପଙ୍ଗୁ କରିବା ପାଇଁ ଏବଂ ବ୍ୟକ୍ତି ନିଜେ ଭୁଲ୍ କରି ଆତ୍ମଗୋପନ କରିବା ପାଇଁ ସୃଷ୍ଟି କରିଥିବା ଭଗବାନ । ଏହା ବ୍ୟତୀତ ଅସ୍ତିତ୍ୱବାଦୀଙ୍କୁ ବିରୋଧ କରାଯିବାର ଆଉ ଏକ ବିରାଟ କାରଣ ହେଉଛି ମୃତ୍ୟୁ ପ୍ରତି ସେମାନଙ୍କର ସକାରାତ୍ମକ ଦୃଷ୍ଟିଭଙ୍ଗୀ ବା ମୃତ୍ୟୁ ହିଁ ବାସ୍ତବ ସତ୍ୟ ଭଳି ମତ । ଏହି ଦୃଷ୍ଟିକୋଣରୁ କିନ୍ତୁ ଅସ୍ତିତ୍ୱବାଦୀମାନଙ୍କୁ ନୂତନ ବୋଲି କୁହାଯାଇ ନ ପାରେ । କାରଣ ଏହାର ଦୃଷ୍ଟାନ୍ତ ଆମର ପୁରାଣ ଗ୍ରନ୍ଥମାନଙ୍କରେ ପୂର୍ବରୁ ଦେଖିବାକୁ ମିଳେ । ଦୃଷ୍ଟାନ୍ତ ସ୍ୱରୂପ 'କଠୋପନିଷେଦ'ରେ ବର୍ଣ୍ଣିତ ଯମ ଓ ନଚିକେତା ସମ୍ବାଦ ଉପରେ ସାମାନ୍ୟ ଆଲୋଚନା କରାଯାଇପାରେ ।(୮,୯) କେବଳ ମୃତ୍ୟୁ ନୁହେଁ ବ୍ୟକ୍ତିର ବ୍ୟକ୍ତିତ୍ୱ ଓ ଅସ୍ତିତ୍ୱକୁ କେନ୍ଦ୍ରକରି କେତେକ ଅସ୍ତିତ୍ୱବାଦୀ ପ୍ରଦାନ କରିଥିବା ମତର ନିଦର୍ଶନ ମଧ୍ୟ ଏଥିରେ ଲକ୍ଷଣୀୟ । ଯମରାଜ ନଚିକେତାଙ୍କୁ ପ୍ରଦାନ କରିଥିବା ଚାରୋଟି ବରଦାନ ମଧ୍ୟରୁ ତୃତୀୟ ବରଦାନରେ ନଚିକେତା ଯମଙ୍କୁ ଜନ୍ମ ଓ ମୃତ୍ୟୁର ରହସ୍ୟ ସଂପର୍କରେ ପ୍ରଶ୍ନ କରିଥିଲେ । ଏହି ପ୍ରଶ୍ନ ଶୁଣି ଯମ ଉତ୍ତର ଦେଇଥିଲେ ଯେ, ଏହି ପ୍ରଶ୍ନ ଦେବତାମାନଙ୍କ ପାଇଁ ମଧ୍ୟ ଦୁର୍ଲଭ ତେଣୁ ତୁମେ ଏହା ବଦଳରେ ଅନ୍ୟ କିଛି ବର ମାଗି ପାର । ଏପରିକି ଯମରାଜ ନଚିକେତାଙ୍କୁ ବହୁ ଶ୍ରେଷ୍ଠ ଜିନିଷର ଲୋଭ ମଧ୍ୟ ଦେଇଥିଲେ । ହେଲେ ନଚିକେତା ନିଜ ପ୍ରଶ୍ନରେ ଅଟଳ ରହିବାରୁ ଯମରାଜଙ୍କୁ ଏହି ରହସ୍ୟ ନଚିକେତାଙ୍କୁ କହିବାକୁ ପଡିଥିଲା । ଯମରାଜ କହିଥିଲେ ଜୀବାତ୍ମାର ବିକାଶର ଚାରୋଟି ଅବସ୍ଥା ରହିଛି । ଯଥା ହଂସ, ବସୁ, ହୋତା ଏବଂ ଅତିଥି । ଯେତେବେଳେ ଜୀବାତ୍ମାର ଉତ୍ତୋରତ୍ତର ବିକାଶ ଘଟେ ସେତେବେଳେ ସେ ଏହି ଅବସ୍ଥା ମଧ୍ୟଦେଇ ଗତିକରେ । ଜୀବାତ୍ମା 'ହଂସ' ଭଳି ଜୀବନ ଅତିବାହିତ କରିବା ଉଚିତ୍ । ଅର୍ଥାତ୍ ହଂସ ଭଳି ପାଣିରେ ରହି ମଧ୍ୟ ନ ଭିଜିବା ବା ଅନ୍ୟ ଭାବେ କହିଲେ ଜୀବାତ୍ମା ସଂସାରରେ ରହି ମଧ୍ୟ ସଂସାରରେ ଲିପ୍ତ ନ ହେବା ଜୀବାତ୍ମାର ପ୍ରଥମ ବିକଶିତ ଅବସ୍ଥା । ଅସ୍ତିତ୍ୱବାଦୀମାନେ ମଧ୍ୟ ସଂସାର, ପରିବାର ଆଦି ଅପେକ୍ଷା ନିଜର ଅସ୍ତିତ୍ୱକୁ ଗୁରୁତ୍ୱ ଦେଇ ଥାଆନ୍ତି ଏବଂ ସଂସାରରେ ରହି ମଧ୍ୟ ନିଜ ଭିତରେ ହିଁ ଲିପ୍ତ ରହିବାରେ ବିଶ୍ୱାସୀ । 'ବସୁ' ଅବସ୍ଥାରେ ମଣିଷ ନିଜ ସହ ଅନ୍ୟର କଲ୍ୟାଣ ମଧ୍ୟ କରିଥାଏ । ଏହି ଦୃଷ୍ଟିକୋଣରୁ ବିଚାର କଲେ ପ୍ରକୃତ ଅସ୍ତିତ୍ୱବାନ ମଣିଷ ନିଜ ସହ ସଂସାର ବିଷୟରେ ମଧ୍ୟ ଚିନ୍ତା କରିଥାଏ । ଯଦି ସେ ସଂସାରର ଦାୟିତ୍ୱ ନିଏ ତେବେ ସେ ସଂସାରର ମଙ୍ଗଳ ପାଇଁ ଯେପରି ନିଜକୁ ସାବାସି ଦିଏ ସେହିପରି କୌଣସି ବିପର୍ଯ୍ୟୟ ପାଇଁ ମଧ୍ୟ ନିଜକୁ ହିଁ ଦାୟୀ କରେ । ହାଇଡଗାର ଓ ତାଙ୍କ ଦର୍ଶନରେ ବିଶ୍ୱାସ କରୁଥିବା ଅସ୍ତିତ୍ୱବାଦୀମାନେ ଏହିଭଳି ମତକୁ ସ୍ୱୀକାର କରିଥାଆନ୍ତି । 'ହୋତା' କହିଲେ ଯଜ୍ଞରେ ଆହୁତି ଦେବାକୁ ବୁଝାଏ । ଯେପରି ଯଜ୍ଞରେ ଆହୁତି ଦିଆଯାଏ ସେହିପରି ମଣିଷ ଯେତେବେଳେ ନିଜକୁ ସମାଜ ପାଇଁ ଅର୍ପଣ କରେ ସେତେବେଳେ ସେହି ଅବସ୍ଥାକୁ ହୋତା ଅବସ୍ଥା କୁହାଯାଏ । ଏହି ରୂପେ ଜେନ୍- ପଲ୍ ସାତ୍ରେ ଭଳି କେତେକ ଅସ୍ତିତ୍ୱବାଦୀ ଅସ୍ତିତ୍ୱବାଦକୁ ମାନବବାଦ ସହିତ ସଂପର୍କିତ କରିଥିବାରୁ ଅସ୍ତିତ୍ୱବାଦୀମାନେ ମଧ୍ୟ ସମାଜକଲ୍ୟାଣ କଥା କହିଥାଆନ୍ତି । 'ଅତିଥି' ଅବସ୍ଥା କହିଲେ ସେହି ଅବସ୍ଥାକୁ ବୁଝାଏ । ଯେଉଁ ଅବସ୍ଥାରେ ଜୀବାତ୍ମା ଶରୀରକୁ ଅତିଥି ବା କ୍ଷଣସ୍ଥାୟୀ ବୋଲି ମନେକରେ । ଏହି ରୂପେ ଅସ୍ତିତ୍ୱବାଦୀମାନେ ମଧ୍ୟ ମୃତ୍ୟୁର ବାସ୍ତବତାକୁ ସ୍ୱୀକାର କରିଥାଆନ୍ତି । ପ୍ରକୃତରେ ବିଚାର କରିବାକୁ ଗଲେ ଜୀବନକୁ ବେଶି ଭଲ ପାଉଥିବା ମଣିଷଟି ହିଁ ମୃତ୍ୟୁକୁ ଭଲ ପାଇପାରେ । ଏପରିକି ଆଧୁନିକ ଜୀବନ ମଣିଷଠାରୁ ଯାହା ଛଡେଇ ନିଏ ମୃତ୍ୟୁ ତାକୁ ପୂର୍ଣ୍ଣ କରିଦିଏ । ଯମରାଜଙ୍କର ଉପଦେଶ ଅନୁସାରେ

ଏହିପରି ଚାରୋଟି ଅବସ୍ଥା ମଧ୍ୟଦେଇ ଗତି କରୁଥିବା ବ୍ୟକ୍ତି ଜନ୍ମ ଓ ମୃତ୍ୟୁର ଚକ୍ରରୁ ମୁକ୍ତି ପାଇଥାଏ । ତେଣୁ ଏହି ଦୃଷ୍ଟିକୋଣରୁ ବିଚାର କଲେ ମୃତ୍ୟୁକୁ କେନ୍ଦ୍ରକରି ଅସ୍ତିତ୍ୱବାଦୀ ମାନଙ୍କର ଉଦାର ଦୃଷ୍ଟିଭଙ୍ଗୀକୁ ଏକ ନକାରାତ୍ମକ ଦର୍ଶନ ରୂପେ ବିବେଚନା କରାଯାଇ ନପାରେ । ବିଶେଷକରି ପ୍ରାଚ୍ୟ ପୃଷ୍ଠଭୂମିରୁ ଏହା ଯେତେ ପୁରାତନ ସେତେ ସକାରାତ୍ମକ ବୋଲି ମନେହୁଏ । ଏହି ରୂପେ ଅସ୍ତିତ୍ୱବାଦର କେତେକ ଚିନ୍ତାଧାରକୁ କେନ୍ଦ୍ରକରି ଗାଳ୍ପିକ ରବି ପଟ୍ଟନାୟକ ରଚନା କରିଛନ୍ତି ଗଳ୍ପ । ଅବଶ୍ୟ ଗାଳ୍ପିକ କେତେକ କ୍ଷେତ୍ରରେ ଏହି ଅସ୍ତିତ୍ୱବାଦକୁ ଏକ ସକାରାତ୍ମକ ଦର୍ଶନ ରୂପେ ଚିତ୍ରଣ କରିଥିବା ସ୍ଥଳେ କେତେକ କ୍ଷେତ୍ରରେ ଏହାକୁ ଏକ ନକାରାତ୍ମକ ଦର୍ଶନ ରୂପେ ମଧ୍ୟ ଚିତ୍ରଣ କରିଛନ୍ତି ।

ଅସ୍ତିତ୍ୱବାଦୀ ଚିନ୍ତାଚେତନା ଦୃଷ୍ଟିରୁ ଗାଳ୍ପିକଙ୍କର 'ପର୍ଶୁରାମ' ଏକ ଅସାଧରଣ କୃତି । ଭଗବାନଙ୍କର ଅସ୍ତିତ୍ୱ ତଳେ ମାଡିମକଚି ହୋଇଯାଇଥିବା ମଣିଷର ଅସ୍ତିତ୍ୱକୁ ପୁନଃଉଦ୍ଧାର କରିବାର ବାର୍ତ୍ତା ରହିଛି ଉକ୍ତ କୃତିରେ । ଗାଳ୍ପିକଙ୍କର ଉକ୍ତ କୃତିଟି ଜର୍ମାନର ଦାର୍ଶନିକ ଫ୍ରେଡରିଚ୍ ନିତ୍‌ସେଙ୍କ ଜୀବନୀ ଦ୍ୱାରା ପ୍ରଭାବିତ ହୋଇଥିବା ମନେହୁଏ । ନିତ୍‌ସେଙ୍କୁ ଯେତେବେଳେ ଚାରିବର୍ଷ ହୋଇଥିଲା । ତାଙ୍କର ପିତାଙ୍କର ମୃତ୍ୟୁ ଘଟିଥିଲା । ଘରେ ତାଙ୍କର ମା ଓ ଜେଜେମାଙ୍କ ସହିତ ଆଉ ଦୁଇଜଣ ଭୃତ୍ୟା ଥିଲେ । ତେଣୁ ନିତ୍‌ସେଙ୍କର ଲାଳନ ପାଳନ ନାରୀମାନଙ୍କ ମଧ୍ୟରେ ହିଁ ହୋଇଥିଲା । ଏହା ଫଳରେ ପୁରୁଷତ୍ୱ କଣ ସେ ଜାଣି ହିଁ ପାରିନଥିଲେ । ସେ ଯେତେବେଳେ ସ୍କୁଲ ଗଲେ ତାଙ୍କର ନାରୀସୁଲଭ ବ୍ୟବହାର ପାଇଁ ତାଙ୍କୁ ସାଙ୍ଗସାଥିମାନେ ଚିଡାଇବା ଆରମ୍ଭ କରି ଦେଇଥିଲେ । ତେଣୁ ସେଇଠି ନିତ୍‌ସେ ଶପଥ ନେଇଥିଲେ ଯେ, ସେ ତାଙ୍କ ଭିତରର ଏହି ନାରୀତ୍ୱ ଗୁଣକୁ ଦମନ କରିବା ପାଇଁ କିଛି ଏପରି କରିବେ ଯାହାଦ୍ୱାରା ସମାଜ ତାଙ୍କୁ ମନେ ରଖିବ । ତେଣୁ ସେ ନିଜ ଭିତରର ନାରୀତ୍ୱ ଗୁଣକୁ ଦମନ କରିବା ପାଇଁ ସେନାବାହିନୀରେ ଯୋଗ ଦେଇଥିଲେ । ଯୁଦ୍ଧରେ ସେ ବହୁ ବୀରତ୍ୱର ସହ ଯୁଦ୍ଧ କରିଥିଲେ । ମାତ୍ର ଶେଷ ମୁହୂର୍ତ୍ତରେ ଘୋଡାରୁ ଖସିପଡିବା ଫଳରେ ସେ ଅପାଙ୍ଗ ହୋଇଗଲେ । ଫଳରେ ସେ ଆଉ ଯୁଦ୍ଧରେ ସାମିଲ୍ ହୋଇପାରିଲେ ନାହିଁ । ଏହି ଯୁଦ୍ଧ ବିରତି ନିତ୍‌ସେଙ୍କ ଭିତରେ ବୌଦ୍ଧିକତାର ବିକାଶ ଘଟାଇଥିଲା । ଏହାପରେ ସେ ଦର୍ଶନ ବିଭାଗରେ ଅଧ୍ୟାପନା ଆରମ୍ଭ କରିଥିଲେ । ଏହି ସମୟରେ ଜର୍ମାନ୍‌ର ଅବସ୍ଥା ବଡ ସାଂଘାତିକ ଥିଲା । ଜର୍ମାନ୍‌ର କିଛି ଅଂଶ ଉପରେ ବେଲ୍‌ଜିଅମ୍ ଆଧିପତ୍ୟ ବିସ୍ତାର କରିଥିବା ବେଳେ କିଛି ଇଂଲଣ୍ଡ, କିଛି ଋଷ୍ ଏପରିକି ଆଫ୍ରିକା ମଧ୍ୟ ଜର୍ମାନ୍‌ର କିଛି ଅଂଶକୁ ଅଧିକାର କରି ରଖିଥିଲା । ନିତ୍‌ସେ ଏହିଭଳି ପରିସ୍ଥିତିକୁ ଗ୍ରହଣ କରିପାରୁ ନଥିଲେ । ତେଣୁ ସେ ନିଜ ଦେଶର ଯୁବପିଢୀଙ୍କୁ କେନ୍ଦ୍ରକରି ସବୁବେଳେ ଚିନ୍ତିତ ରହୁଥିଲେ । ଥରେ ସେ ଯୁବପିଢୀଙ୍କୁ ପ୍ରଶ୍ନ କଲେ ଯେ ଜର୍ମାନ୍‌ର ଭାଗ୍ୟ କିଏ ବଦଳାଇବ ? ଜର୍ମାନ୍‌କୁ ଦାସତ୍ୱ ଯନ୍ତ୍ରଣାରୁ କିଏ ମୁକ୍ତ କରିବ ? ସେତେବେଳେ ଜର୍ମାନ୍‌ର ଯୁବପିଢୀ ଯିଏକି ବହୁମାତ୍ରାରେ ଖ୍ରୀଷ୍ଟଧର୍ମ ଦ୍ୱାରା ପ୍ରଭାବିତ ଥିଲେ । ଉତ୍ତର ଦେଇଥିଲେ ଭଗବାନ ହିଁ ଜର୍ମାନ୍‌ର ଭାଗ୍ୟ ବଦଳାଇ ପାରିବେ । ଏହିଭଳି ଉତ୍ତର ପାଇବା ପରେ ଦିନେ ନିତ୍‌ସେ ଯେତେବେଳେ ବିଶ୍ୱବିଦ୍ୟାଳୟରୁ ବାହାରକୁ ଆସିଲେ ହାତରେ ଗୋଟାଏ ଠେଙ୍ଗା ଧରିଲେ ଏବଂ ଗୋଟିଏ ପୁତ୍ତଳିକା ପ୍ରସ୍ତୁତ କଲେ । ଏହାପରେ ସେହି ପୁତ୍ତଳିକାକୁ ରାସ୍ତା ମଝିରେ ପକାଇ ଦେଇ କହିଲେ ଯେ I have killed your god on the cross road of Germany ମୁଁ ତୁମ ଭଗବାନ ଯିଏକି ଅଯୋଗ୍ୟ ଲୋକମାନଙ୍କୁ ଆଶ୍ରାଦେଇ ଆସିଛନ୍ତି ତାଙ୍କୁ ମାରିଦେଲି । ଏହା ଦେଖି ତାଙ୍କ ଛାତ୍ରମାନେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ଏହାପରେ ନିତ୍‌ସେ ପ୍ରଶ୍ନ କଲେ ବର୍ତ୍ତମାନ ତୁମ ଭଗବାନ ମୃତ ତେଣୁ ଜର୍ମାନ୍‌ର ଭାଗ୍ୟ କିଏ ବନେଇବ । ଛାତ୍ରମାନେ ଉତ୍ତର ଦେଇଥିଲେ ଆମେ ନିଜେ । ଏହିପରି ଅସ୍ତିତ୍ୱବାଦୀମାନେ ମଣିଷର ଅସ୍ତିତ୍ୱ ପାଇଁ ଭଗବାନଙ୍କର ଅସ୍ତିତ୍ୱକୁ ମୂଳତ୍‌ପାଟନ କରି ଆସିଛନ୍ତି । ଶ୍ରୀଯୁକ୍ତ ପଟ୍ଟନାୟକଙ୍କର ଉକ୍ତ କୃତିରେ ମଧ୍ୟ ମଣିଷର ଅସ୍ତତ୍ୱ ପାଇଁ ଭଗବାନଙ୍କର ଅସ୍ତିତ୍ୱକୁ ଅସ୍ୱୀକାର କରାଯାଇଛି । "ତମେମାନେ ମଣିଷକୁ ଅଜ୍ଞ କରି ରଖିତାକୁ ନଗଣ୍ୟ କରି ଦେଖି ଆସିଥିଲ । ଅଶରୀରୀ ଦେବଦେବୀର କଳ୍ପନାରେ ମୃତ୍ୟୁ ଭୟ ଦେଖେଇ ମଣିଷକୁ ହୀନ, ତୁଚ୍ଛ କରି ତାର ଅନନ୍ତ ଶକ୍ତିକୁ ତା'ଠାରୁ ଗୋପନ କରି ରଖିଥିଲ । ସେ ଯଦି ତା' ଶକ୍ତିର ଗାରିମା ବୁଝିପାରେ ତେବେ ତମର କୌଣସି ଶକ୍ତି ରହିବନି । ସେଥିପାଇଁ ଶାସ୍ତ୍ରର ଭଣ୍ଡାମି ଗାଇ ତାଙ୍କୁ ଅଜ୍ଞ ନିର୍ବୋଧ କରି ରଖିଥିଲ, କିନ୍ତୁ ମୁଁ ଆଜି ସେମାନଙ୍କ ଆଖିରୁ ସେ ସହସ୍ର ଯୁଗର ଅନ୍ଧପୁଟୁଳି ଖୋଲିବି । ପ୍ରତ୍ୟେକ ପ୍ରାଣରେ ସଞ୍ଜୀବିତ କରିବି ଏଇ ମହାମନ୍ତ୍ର ମଣିଷଠାରୁ ଆଉ କେହି ବଡ ନାହିଁ । ଦେବଦେବୀ କେବଳ କଳ୍ପନା, କେବଳ ଭଣ୍ଡାମି, ମୃତ୍ୟୁର ପୂଜନରେ ମୃତ୍ୟୁଠାରୁ ମୁକ୍ତି ନାହିଁ । ମୃତ୍ୟୁଠାରୁ ମୁକ୍ତିର ଉପାୟ କେବଳ

ନିଜତ୍ୱର ଆବିଷ୍କାର । ନିଜତ୍ୱର ନିର୍ଣ୍ଣୟ xxx ମୁଁ ଚାହିଁ ରହିଲି ସେଇ ମୂର୍ତ୍ତିକୁ କେତେଟା ମୁହୂର୍ତ୍ତ । ତା'ପରେ ଏକ ଭୀଷଣ ରୋଷରେ ଉନ୍ମାଦ ହୋଇ ପ୍ରବଳ ଭାବରେ ଆଘାତ କରିବାକୁ ଲାଗିଲି ସେଇ ମୂର୍ତ୍ତି ଉପରେ । ମୋର କୁଠାରର ତୀବ୍ର ଆଘାତରେ ଭାଙ୍ଗିପଡିଲା ମାଟିର ପିତୁଳା । ଛିନ୍ନ ଭିନ୍ନ ହୋଇଗଲା । କଦାକାର ବୀଭତ୍ସ ନାରୀମୂର୍ତ୍ତି ତାର ମୁଣ୍ଡମାଳ ତାର ଲେଲିହାନ ଜିହ୍ୱା ପ୍ରଜ୍ୱଳିତ ଚକ୍ଷୁ, ଭୂତପ୍ରେତ ଡାହାଣୀ ଚିରୁଗୁଣୀର ସମାହାର ।" (ଗଳ୍ପ ସମଗ୍ର- ପ୍ରଥମ ଭାଗ-ପୃ- ୧୯୫-୧୯୭) ଏ ସବୁ ସତ୍ତ୍ୱେମଣିଷର ମନସ୍ତତ୍ତ୍ୱରେ ଭଗବାନଙ୍କର ସ୍ଥାନ କେତେ ଦୃଢ ତାହାକୁ ମଧ୍ୟ ଗାଳ୍ପିକ ପ୍ରତିଫଳିତ କରିଛନ୍ତି ଉକ୍ତ କୃତିରେ । ଗାଳ୍ପିକଙ୍କର 'ଅନ୍ଧଗଳିର ଅନ୍ଧକାର' ମଧ୍ୟ ଏହି ଚିନ୍ତନର ଏକ ସଫଳ ପ୍ରତିଫଳନ । ସମାଜ, ପରିବାର, ଧର୍ମ, ନୀତିନିୟମ, ଭାଗ୍ୟବାଦ ଆଦିରେ ବାନ୍ଧିହୋଇ ନିଜର ଅସ୍ତିତ୍ୱକୁ ଭୁଲି ଯାଇଥିବା ମଣିଷ ପ୍ରତି ଏହାକୁ ଏକ ବାର୍ତ୍ତା ଭାବେ ଗ୍ରହଣ କରାଯାଇପାରେ । ବିଶେଷକରି ଏଥିରେ ମନୁଷ୍ୟର ଜନ୍ମ ଓ ମୃତ୍ୟୁକୁ କେନ୍ଦ୍ରକରି ଗାଳ୍ପିକଙ୍କର ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ଅସାଧାରଣ ମନେହୁଏ । "ମୁଁ ମାନୁଛି ତମର ଦିଆ ଶୁକ୍ରକୀଟରେ ମୋର ଦେହ ସୃଷ୍ଟି । କିନ୍ତୁ ତମେ ଜାଣନା ସେ ଶୁକ୍ରକୀଟର ଆଭ୍ୟନ୍ତରରେ କଣ ଅଛି । କ୍ରୋମୋଜୋମ୍, ଜିନ୍, ଆର. ଡି.ଏ-ଏନ୍-ଡି.ଏ । ଗୋଟାଏ କ୍ଷୁଦ୍ରାତିକ୍ଷୁଦ୍ର ଅଣୁ ଭିତରେ ରହିଛି ଭବିଷ୍ୟତ ଶରୀର ଓ ମାନସିକ ଗଠନର ପୋଟେନ୍‌ସିଆଲିଟି । ଆଉ ସେଇ ଅଣୁର କେତେ କୋଟି ସୁଯୋଗ ଭିତରୁ ଯୁକ୍ତ ହେବାର ଗୋଟାଏ ସମ୍ଭାବନା ।" (ଗଳ୍ପ ସମଗ୍ର- ପ୍ରଥମ ଭାଗ-ପୃ-୨୮୪) ମୃତ୍ୟୁକୁ କେନ୍ଦ୍ରକରି ଦାର୍ଶନିକ ଦୃଷ୍ଟିଭଙ୍ଗୀ ଦେଖିବାକୁ ମିଳେ 'ଜମାନବନ୍ଦୀ' ଗଳ୍ପରେ । ଯେଉଁ ମୃତ୍ୟୁର ଭୟରେ ମଣିଷ ପ୍ରତିମୁହୂର୍ତ୍ତରେ ମରୁଥାଏ ତା'ର ସତ୍ୟତାକୁ ଚିତ୍ରଣ କରିଛନ୍ତି ଗାଳ୍ପିକ ଉକ୍ତ କୃତିରେ । ଉକ୍ତ କୃତିରେ ଜନ୍ମକୁ ମୃତ୍ୟୁ ଓ ମୃତ୍ୟୁକୁ ଜନ୍ମ ସହିତ ତୁଳନା କରିବା ପଛରେ ଥିବା ଗାଳ୍ପିକଙ୍କର ଅସ୍ତିତ୍ୱବାଦୀ ଚିନ୍ତନ ବେଶ୍ ପ୍ରଭାବଶାଳୀ ହୋଇପାରିଛି । "କାହିଁକିମୁଁ ଏକ ନିଶାସକ୍ତ ପରି ଏ ପୃଥିବୀକୁବାନ୍ଧିରଖିବାକୁଚାହୁଁଛିମୋ ନିଜ ଭିତରେ ? କାହିଁକି ନିଜକୁ ଦେଖି ମୁଁ ଚମକି ପଡୁଛି ? କାହିଁକି ମୃତ୍ୟୁର ଚିନ୍ତାରେ ଦେହ, ମନ, ପ୍ରାଣ ବିରୋଧ କରି ଉଠୁଛନ୍ତି ? ମୁଁ ତ ଅନେକ ଦିନରୁ ମରିଯାଇଛି । ମୋର ମୃତ୍ୟୁ ଅଠେଇଶ ବର୍ଷ । ଅଠେଇଶ ବର୍ଷ ଧରି ଖାଲି ମୋ ମୃତ୍ୟୁକୁ ବହନକରି ଆଣିଛି ମୋ କାନ୍ଧରେ ଆଜି ମୋର ନୂତନ ଜନ୍ମ । ନବଜନ୍ମ ଏ ଦୁନିଆର ତଥାକଥିତ ମୃତ୍ୟୁ ଭିତରେ ହଠାତ୍ କେମିତି ଦେହଟା ଉଚ୍ଛ୍ୱାସ ଜଣାଗଲା । ମୁଁ ଯେମିତି ପବନ ହୋଇ ଉଡିଗଲି । ସେଇ ସିଲିଂର ଦେହରେ ବସି ରହି ଦେଖିବାକୁ ଲାଗିଲି ଏଇ ମୋର ଦେହଟାକୁ ।" (ଗଳ୍ପ ସମଗ୍ର- ପ୍ରଥମ ଭାଗ- ପୃ- ୩୮୪) ଏହା ବ୍ୟତୀତ ଏଥିରୁ ଗାଳ୍ପିକଙ୍କର Out of body experience (ଆତ୍ମା ଶରୀର ତ୍ୟାଗଜନିତ ଅନୁଭୂତି) ସଂପର୍କିତ ଅନୁଭୂତିର ମଧ୍ୟ ସୂଚନା ମିଳିଥାଏ । ଏଥିରେ ଗାଳ୍ପିକଙ୍କର ଭାଗ୍ୟବାଦ ଓ ନାରୀବାଦକୁ କେନ୍ଦ୍ର କରି ରହିଥିବା ଚିନ୍ତନ ମଧ୍ୟ ବେଶ୍ ପ୍ରଭାବଶାଳୀ ହୋଇପାରିଛି । ହେଗେଲ୍‌ଙ୍କର 'Absolute Idealism' ଏବଂ 'Panlogism' ବ୍ୟକ୍ତିକୁ କିପରି ବସ୍ତୁ ସର୍ବସ୍ୱରେ ପରିଣତ କରି ଦେଇଛି ତାହାକୁ ଗାଳ୍ପିକ ପ୍ରତିଫଳିତ କରିଛନ୍ତି 'ପୁରୁରବା' ଗଳ୍ପରେ । ଏତଦ୍ ଭିନ୍ନ ଧର୍ମ ଓ ଭଗବାନଙ୍କ ହାତରେ କାଠପିତୁଳି ସାଜି ଅଭିନୟ କରି ଚାଲିଥିବା ମଣିଷର ଅସହାୟତା ସହିତ ମୁକ୍ତି ପାଇଁ ସଂଘର୍ଷ ମଧ୍ୟ ଉକ୍ତ କୃତିରେ ଦେଖିବାକୁ ମିଳେ । "ହରି- ଆଃ କି କଷ୍ଟ ! କି ଦୁଃଖ ମୁଁ ହରି ତ୍ରିପାଠୀ ମୋ ସ୍ତ୍ରୀ ମରିଯାଇଛି । ମୋର ପ୍ରିୟତମା ମୋତେ ଚିରଦିନ ପାଇଁ ଛାଡି ଚାଲିଯାଇଛି ମୋର ବଂଚିବାର ଆଉ କିଛି ମୂଲ୍ୟ ନାହିଁ । ମୋତେ ମୁକ୍ତି ଦିଅ ମୋତେ ମୁକ୍ତି ଦିଅ । ନିର୍ଦ୍ଦେଶକ- (ନେପଥ୍ୟରୁ) ମୁକ୍ତି ହାଃ ହାଃ ହାଃ । (ଏକ ନିର୍ବାକ୍ ହସ) ତମ ପାଇଁ ମୁକ୍ତି ନାହିଁ । ତମେ କ'ଣ ଜାଣନା ତମେ ବନ୍ଦୀ, ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ । ମୁକ୍ତି ହାଃ-ହାଃ- ହାଃ ! (ପୁଣି ବିକଟାଳ ହସ) ଆଗେଇ ଯାଅ । (ଜୋର୍‌ରେ ଚିତ୍କାର କଲେ) । ହରି- ଯନ୍ତ୍ରଚାଳିତ ପରି ଝୁଲିଝୁଲି ଆଗେଇ ଗଲେ ସେ ନିଆଁର କିଛି ବାଟକୁ । ହଠାତ୍ କରି ସେ ଏକ ନୂଆ ଉଦ୍ୟମରେ ତିନିଟା ଯାକ ଦଉଡ଼ିକୁ ଦୁଇ ହାତରେ ଛିଣ୍ଡାଇବାକୁ ଚେଷ୍ଟା କଲେ । ଛାଟିପିଟି ହୋଇ ଦାନ୍ତ କାମୁଡ଼ି ପ୍ରବଳ ଜୋରରେ) ମୁଁ ଏ ବନ୍ଧନ ଛିନ୍ନ କରିବି । ମୁଁ ବନ୍ଦୀ ସତ କିନ୍ତୁ ମୁଁ ଦୁର୍ବଳ ନୁହେଁ । ଏ ମୋ ହାତରେ ରହିଛି ପରମାଣୁ ବୋମା । ମୁଁ ଅସ୍ତ୍ରାଗାରରେ ରହିଛି ବୋମା । ମୁଁ ନିଶ୍ଚିହ୍ନ କରିଦେବି । ମୁଁ ମୋର ମୁକ୍ତି ନିଜେ କାଢ଼ି ନେବି । ମତେ ଭୟ ଦେଖାଅ ନାହିଁ । ମୁଁ ଅମିତ ଶକ୍ତିଶାଳୀ । ମୁଁ ପ୍ରବଳ ଶକ୍ତିବାନ । ମୁଁ ସମଗ୍ର ଜଗତର ପ୍ରଭୁ ।" (ଗଳ୍ପ ସମଗ୍ର- ପ୍ରଥମ ଭାଗ- ପୃ- ୪୧୪) ଏ ସବୁ ସତ୍ତ୍ୱେ ଭଗବାନଙ୍କର ସାମ୍ରାଜ୍ୟରେ ମଣିଷର ଅସ୍ତିତ୍ୱ ଯେ ଅସମ୍ଭବ ଭଳି ଚିନ୍ତନର ବାର୍ତ୍ତା ମଧ୍ୟ ରହିଛି ଉକ୍ତ କୃତିରେ । ଯାହା ବିଶ୍ୱ ଯୁଦ୍ଧ ପରବର୍ତ୍ତୀ ଅସ୍ତିତ୍ୱବାଦୀ ଦର୍ଶନ ପ୍ରତି ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି । "(ଚିତ୍କାର କରି ଏ

କଥା କହୁ କହୁ ସେ ଚେଷ୍ଟା କରି ଲୁହା ଦଉଡିର ବନ୍ଧନ ଛିଣ୍ଡାଇ ଦେଲେ । କିନ୍ତୁ କିଛି ସମୟ ଚେଷ୍ଟାକରି ସେ ରୂପା ଓ ସୁନାର ଦଉଡିକୁ ଛିଣ୍ଡାଇ ନପାରି ସେ କ୍ଳାନ୍ତ ହୋଇ ପୁଣି ସେମିତି ଝୁଲି ରହିଲେ ମୁଣ୍ଡ ତଳକୁ କରି) ନିର୍ଦ୍ଦେଶକ- (ନେପଥ୍ୟରୁ) ହାଃ-ହାଃ-ହାଃ (ପୁଣି ବିକଟାଳ ହସ) କ'ଣ ହେଲା ହେ ହରି ତ୍ରିପାଠୀ ? କ୍ଳାନ୍ତ ହୋଇପଡିଲ କାହିଁକି? ଚେଷ୍ଟା କର ଚେଷ୍ଟା କର ଆଉ ସମୟ ନାହିଁ। (ପୁଣି ସେ ନିର୍ଦ୍ଦେଶ ଦେଲେ) ଆଗେଇ ଯାଅ ।" (ଗଳ୍ପ ସମଗ୍ର- ପ୍ରଥମ ଭାଗ-ପୃ-୪୧୪) ଏହା ବ୍ୟତୀତ ଉକ୍ତ କୃତିରୁ ଜନ୍ମରୁ ମୃତ୍ୟୁ ମଧ୍ୟରେ ପ୍ରକୃତ ଆନନ୍ଦର ସନ୍ଧାନରେ ଧାଉଁଥିବା ମଣିଷର ଅସହାୟତା ମଧ୍ୟ ଦେଖିବାକୁ ମିଳେ । ନାଳ ନର୍ଦ୍ଦମାରେ ଘାଣ୍ଟି ହେଉଥିବା ପୋକଜୋକ ଘୁଷୁରି ଏବଂ ବିଶ୍ୱର ଶ୍ରେଷ୍ଠ ଜୀବ ରୂପେ ନିଜକୁ ମନେ କରୁଥିବା ମଣିଷକୁ ଏକ ଏବଂ ଅଭିନ୍ନ ରୂପେ ଗାଳ୍ପିକ ଚିତ୍ରଣ କରିଛନ୍ତି 'ଅଣସର' ଗଳ୍ପରେ । କାରଣ ନାଳ ନର୍ଦ୍ଦମାର ଦୁର୍ଗନ୍ଧ ପୋକଜୋକଙ୍କୁ ଯେପରି ସୁଗନ୍ଧ ମନେ ହୋଇଥାଏ । ସେହିପରି ଆଜି ମଣିଷର ସବୁ ପାପ ଏବଂ ଭ୍ରଷ୍ଟାଚାର ତାକୁ ପୁଣ୍ୟ ଭଳି ପ୍ରତୀତ ହେଉଛି । ଏହି ମଣିଷ ପୁଣି ନିଜର ସ୍ୱାର୍ଥ ସାଧନ ପାଇଁ ଅଣସର ନାଁରେ ଭଗବାନଙ୍କୁ ମଧ୍ୟ ବନ୍ଦୀ କରିବାପାଇଁ ପଛେଇ ନାହିଁ । ତେଣୁ ଏହିଭଳି ବୃତ୍ତାନ୍ତକୁ ନିରେଖି ଚାହିଁଲେ ଏଥିରୁ ଅସ୍ତିତ୍ୱବାଦ ଦର୍ଶନ ପ୍ରତି ଗାଳ୍ପିକଙ୍କର ଆକ୍ଷେପୋକ୍ତିକୁ ସ୍ପଷ୍ଟ ଅନୁଭବ କରିହୁଏ । "ଗୋଟାଏ ବିରାଟ ନର୍ଦ୍ଦମା । ମ୍ୟୁନିସିପାଲିଟିର ମଇଳା ସଂଗ୍ରହ ସ୍ଥାନ ପରି ଚାରିଆଡେ ପଚା କାଦୁଅ, ବିଷ୍ଠାରେ ଭରିଯାଇଛି । ଏକ ତୀବ୍ର ବିଚିକିଚିଆ ଗନ୍ଧରେ ସାରାବାୟୁମଣ୍ଡଳ ଆବୃତ, ସନ୍ତସନ୍ତିଆଭାପ୍ସା ଦୁର୍ଗନ୍ଧ ମାଟି ଭିତରେ, ଆକାଶକୁ ବି ଉଠିଯାଉଛି । ସେଇ ପଚାଶଢା, ଅଳିଆ, ନର୍ଦ୍ଦମା ଭିତରେ ଭଣଭଣ ହେଉଛନ୍ତି ଲକ୍ଷଲକ୍ଷ ମଶା, ମାଛି, ଲେଙ୍ଗୁଡିଆ ପୋକ । ନାନା ପ୍ରକାର ବିଷାକ୍ତ ଜୀବାଣୁ, ସମସ୍ତଙ୍କର ଜନ୍ମସ୍ଥାନ ଏଇଟା । ସମସ୍ତଙ୍କର ପରିପୁଷ୍ଟି ବି ଏଇଠି ହୁଏ- ଏଇ ଦୁର୍ଗନ୍ଧମୟ ପରିବେଶ ଭିତରେ । ସେମାନେ ବି ବେଶ୍ ଖୁସି, ଏଇତ ସେମାନଙ୍କର ପରିବେଶ । ସେମାନଙ୍କୁ ଦୁର୍ଗନ୍ଧ ଲାଗେନା । ପଚାଶଢା, କାଦୁଅ ଜଣାପଡେନା । ପତିସ୍ଥିତି, ପରିବେଶ ସହିତ ସେମାନଙ୍କର ଅପୂର୍ବ ସଂଯୋଗ ଗୁଡାଏ ସ୍ୱର- (ଏକ ସ୍ୱରରେ) ନୀତି ନାହିଁ, ଅନୀତି ନାହିଁ, ପାପ ନାହିଁ, ପୁଣ୍ୟ ନାହିଁ, ସ୍ୱର୍ଗ ନାହିଁ, ନର୍କ ନାହିଁ ମଉଜର ବର୍ତ୍ତମାନ । ଅନୀତି ନାହିଁ, ଭବିଷ୍ୟତ ନାହିଁ, ବର୍ତ୍ତମାନ- ବର୍ତ୍ତମାନ ।" (ଗଳ୍ପ ସମଗ୍ର- ପ୍ରଥମ ଭାଗ- ପୃ- ୪୬୧-୪୬୩) ବିଭିନ୍ନ ଭୂମିକାରେ ଅଭିନୟ କରୁଥିବା କଳାକାର ଭିତରର ବ୍ୟକ୍ତିସତ୍ତା ଯେପରି ଅବହେଳିତ ହୋଇଥାଏ । ସେହିପରି ପ୍ରତ୍ୟେକଟି ମଣିଷ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଗୋଟିଏ ଗୋଟିଏ ଭୂମିକାରେ ଅଭିନୟ କରି ନିଜତ୍ୱକୁ ଭୁଲି ଯାଇଥାଆନ୍ତି ବା ଅନ୍ୟ ଭାବେ କହିଲେ 'ମୁଁ'ତ୍ୱକୁ ଅବହେଳିତ କରିଥାଆନ୍ତି । ତେଣୁ ଏହା ପ୍ରତି ସଚେତନତା ଆଣିବା ଉଦ୍ଦେଶ୍ୟରେ ଗାଳ୍ପିକ ରଚନା କରିଛନ୍ତି 'ଅଭିନେତା'ଗଳ୍ପ । ଏହିପରି ପରିବାର ଓ ସଂସାର ନାମକ ଜେଲ୍‌ଖାନାରେ ବନ୍ଦି ହୋଇ ନିଜତ୍ୱ ଓ ସର୍ବୋପରି ନିଜର ଆନନ୍ଦ ଓ ସ୍ୱାଧୀନତାକୁ ଭୁଲି ଯାଇଥିବା ମଣିଷକୁ ନିଜର ପ୍ରକୃତ ଆନନ୍ଦ ସହିତ ପରିଚିତ କରାଇବା ଉଦ୍ଦେଶ୍ୟରେ ଗାଳ୍ପିକ ରଚନା କରିଛନ୍ତି 'ଯେ ପକ୍ଷୀ ଉଡେ ଯେତେ ଦୂର' ଗଳ୍ପ । ପୁରାଣ ଚରିତ୍ର ବେଲାଲସେନକୁ ଆଧାର କରି ରଚିତ ଗାଳ୍ପିକଙ୍କର 'ବେଲାଲସେନ' ଗଳ୍ପଟିକୁ ଆଧୁନିକ ମଣିଷ ପ୍ରତି ଏକ ବାର୍ତ୍ତା ଭାବେ ଗ୍ରହଣ କରାଯାଇପାରେ । ସମାଜ ଓ ସାମାଜିକତା ନାମରେ ମଣିଷ ଗଢିଥିବା ପାଚେରୀକୁ କେବଳ ମଣିଷ ହିଁ ଭାଙ୍ଗିପାରିବ । କାରଣ ସୃଷ୍ଟି କରିଥିବା ମଣିଷ ହିଁ ସଂହାର କରିପାରେ । ଗାଳ୍ପିକଙ୍କର ଗଭୀର ଦାର୍ଶନିକ ଚିନ୍ତା ଓ ଚେତନାର ପରିଚୟ ମିଳିଥାଏ ତାଙ୍କର 'ଆଶ୍ରୟ ପ୍ରାର୍ଥୀ' ଗଳ୍ପରୁ । ଜୀବନରେ ପ୍ରକୃତ ଆନନ୍ଦ ବା ମୋକ୍ଷର ଅନୁସନ୍ଧାନରେ ଘୂରି ବୁଲୁଥିବା ମଣିଷର ପ୍ରକୃତ ଆନନ୍ଦ ପ୍ରାପ୍ତିରେ ନୁହେଁ ଅନ୍ୱେଷଣରେ ହିଁ ରହିଥାଏ । ଏହିଭଳି ଚିନ୍ତନକୁ ଗାଳ୍ପିକ ଉକ୍ତ କୃତିରେ ପ୍ରତିଫଳିତ କରି ନିଜ ବିଦ୍ୱାନତାର ପରିଚୟ ପ୍ରଦାନ କରିଛନ୍ତି । ଛାଞ୍ଚୁଣୀ ମୁଠାଦେଇ ବାହାରର ଅଳିଆକୁ ପରିଷ୍କାର କରିବା ସିନା ସମ୍ଭବ ହେଲେ ମନ ଭିତରର ଅଳିଆକୁ ପରିଷ୍କାର କରିବା ଅସମ୍ଭବ । ମାତ୍ର ମନ ଭିତରର ମଳିଆଟି ବି ଦିନେ ପରିଷ୍କାର ହୋଇପାରେ ହେଲେ ସେଥିପାଇଁ ସେତିକି ତ୍ୟାଗ ଓ ନିଷ୍ଠାର ଆବଶ୍ୟକତା ରହିଛି ଭଳି ଅସ୍ତିତ୍ୱବାଦୀ ଚିନ୍ତନର ପ୍ରତିଫଳନ ଦେଖିବାକୁ ମିଳେ ଗାଳ୍ପିକଙ୍କର 'ଛାଞ୍ଚୁଣୀ' ଗଳ୍ପରେ । ପରିସ୍ଥିତି, ଭାଗ୍ୟ ଓ ଭଗବାନଙ୍କ ଆଳରେ ନିଜକୁ ନିଜେ ଠକୁଥିବା ମଣିଷ ଭିତରେ ଆତ୍ମସମୀକ୍ଷା ଦେଖିବାକୁ ମିଳେ 'ସମୀକ୍ଷା କେତୋଟି ଘଟଣାର- କେତୋଟି ମୁହୂର୍ତ୍ତ' ଗଳ୍ପରେ । ଏହିପରି ଅସ୍ତିତ୍ୱବାଦୀ ଚିନ୍ତାଚେତନା ଦୃଷ୍ଟିରୁ ଗାଳ୍ପିକଙ୍କର 'ପରଦେଶୀ କନ୍ୟା' ମଧ୍ୟ ଏକ ଅସାଧରଣ କୃତି । ମଣିଷ ଗଢା ଧର୍ମ, ନୀତି ନିୟମ ଓ ଶୃଙ୍ଖଳ ଆଜି ମଣିଷକୁ କିପରି ପଙ୍ଗୁ କରି ଦେଇଛି ତାହାକୁ ଗାଳ୍ପିକ ଉକ୍ତ କୃତିରେ ପ୍ରତିଫଳିତ କରିଛନ୍ତି । ପ୍ରକୃତ ପକ୍ଷେ ବିବେଚନା

କଲେ ଏଥିରୁ ନିସ୍ତାର ପାଇବା ମଣିଷ ପକ୍ଷେ ଅସମ୍ଭବ । ତେଣୁ ଗାଳ୍ପିକ ଏଥିରେ ଅସ୍ତିତ୍ୱବାଦୀ ମାନଙ୍କ ତୁଲ୍ୟ ବ୍ୟକ୍ତିର ମୁକ୍ତି କାମନା ବା ବ୍ୟକ୍ତିର ବ୍ୟକ୍ତିତ୍ୱ ପ୍ରତିଷ୍ଠା କରିବାପାଇଁ ଉଦ୍ୟମ କରିଛନ୍ତି । ଯାହା ପ୍ରକୃତପକ୍ଷେ ଅସମ୍ଭବ ହୋଇଥିବା ଯୋଗୁଁ ଗାଳ୍ପିକ ରଚନାତ୍ମକ ଦୃଶ୍ୟର (Creative Visualisation) ସାହାଯ୍ୟରେ ଏହାକୁ ପ୍ରତିଷ୍ଠା କରିବା ପାଇଁ ଚାହିଁଛନ୍ତି । ମାତ୍ର ଏ ସବୁ ସତ୍ତ୍ୱେ ବି ମଣିଷ ଗଢା ନୀତିନିୟମରୁ ମଣିଷ ନିଜେ ମୁକ୍ତିପାଇବା ଅସମ୍ଭବ । "ହଁ, ତୁ ମୁକ୍ତ । କଳ୍ପନାର ପାପ ବୋଧ ତୋତେ ଛୁଇଁ ପାରୁନି । ନିତ୍ୟ ପରିବର୍ତ୍ତନଶୀଳ ସାମାଜିକ ଆଇନ୍‌କାନୁନ୍ ତୋର ବିଚାର କରିପାରେନା । କେତେଗୁଡିଏ ଆଦେଶାତ୍ମକ ନୈତିକତାର ଅର୍ଥହୀନ ବାଣୀ ତୋତେ ବାନ୍ଧି ରଖିପାରେନା । ତୁ ମୁକ୍ତ, ଉନ୍ମୁକ୍ତ । ନବ ସ୍ୱାଧୀନ ପ୍ରାପ୍ତ ନୂତନ ମଣିଷ । ପୁଣି କେମିତି ବଦଳିଗଲା ଦୃଶ୍ୟଟା । ହଠାତ୍ ଦେଖିଲି, ମୁଁ ଜେଲ୍‌ର ଫାଟକ ଆସ୍ତେ ଆସ୍ତେ ଖୋଲି ଦେଉଛି । ତା'ଭିତରୁ ବାହାରି ଆସୁଛି ଗେର୍ଦି । ମୁହଁରେ ମୁକ୍ତିର ଆନନ୍ଦର ଢେଉ । ଗେଟ୍ ବାହାରକୁ ଆସି ପ୍ରଥମ ପଦକ୍ଷେପ ନେଇଲେ ଗର୍ଦି ଥମକି ଛିଡା ହେଲା । କେମିତି ଗୋଟାଏ କରୁଣ ନୟନରେ ପଛକୁ ଫେରିଚାହିଁ ଦେଖିଲା ତାର ବନ୍ଦୀଶାଳାକୁ । ତା'ପରେ ହଠାତ୍ ସବୁ ଓଲଟ ପାଲଟ ହୋଇଗଲା ତାର । ସ୍ୱାଧୀନତାର ଝଡରେ ମୁକ୍ତିର ମହାଆଲୋକରେ ସେ କିଂକର୍ତ୍ତବ୍ୟବିମୂଢ଼ ହୋଇ ଛିଡା ହୋଇ ରହିଲା । କ'ଣ କରିବ ସେ ଏ ସ୍ୱାଧୀନତାକୁ ନେଇ ? ଏଇ ମହାମୁକ୍ତିର ଗୁରୁଭାରର ଅସୀମ ଚାପକୁ ସେ ସମ୍ଭାଳିବ କିପରି ? ସେ ଅସହାୟ ହୋଇ ସାମ୍ନାକୁ ଚାହିଁରହିଲା । ମୁକ୍ତିଜନିତ ଆନନ୍ଦ ତା ମୁହଁରେ ଲେଶମାତ୍ର ନାହିଁ । ଏଇ ଅବ୍ୟକ୍ତ, ଅପରୀସୀମ ବେଦନାର ଗୁରୁଭାରରେ ସେ ଯେମିତି ନିପୀଡିତ- ଯନ୍ତ୍ରଣାକ୍ଲିଷ୍ଟ । (ଗଳ୍ପ ସମଗ୍ର- ପ୍ରଥମ ଭାଗ- ପୃ-୬୨୪) ଏସବୁ ସତ୍ତ୍ୱେ ବି ଅସ୍ତିତ୍ୱବାଦକୁ କେନ୍ଦ୍ରକରି ଏଥିରେ ସାମାନ୍ୟ ପ୍ରଶ୍ନବାଚୀ ଦେଖିବାକୁ ମିଳେ । ଏହିପରି 'ହିରଣ୍ୟଗର୍ଭ' ଗଳ୍ପରେ ମଧ୍ୟ ଗାଳ୍ପିକ ବିଜ୍ଞାନ ଓ ଧର୍ମ ମଧ୍ୟରେ ଧନ୍ଦି ନ ହୋଇ କେବଳ ନିଜତ୍ୱକୁ ଗୁରୁତ୍ୱ ଦେବାପାଇଁ ବାର୍ତ୍ତା ଦେଇଛନ୍ତି । ଏହା ସତ୍ୟ ଯେ ମଣିଷ ସୃଷ୍ଟିର ଆଦ୍ୟରୁ ବିଶ୍ୱାସକୁ ନେଇ ବଞ୍ଚି ଆସିଛି । ମାତ୍ର ସେଇ ବିଶ୍ୱାସ ଅନ୍ୟ ଉପରେ ନୁହେଁ ନିଜ ଉପରେ ହେବା ଉଚିତ୍ ଭଳି ଚିନ୍ତାଧାରା ମଧ୍ୟ ଉକ୍ତ କୃତିକୁ ଶ୍ରେଷ୍ଠ କରିପାରିଛି ।" ତା'ର କାରଣ ଆଜି ପର୍ଯ୍ୟନ୍ତ ସେ ନିଜ ଉପରେ ବିଶ୍ୱାସ ନ ରଖି ନିଜେ ଚାଲିବାକୁ ଶିଖିପାରିନି । ଶିଶୁର ପ୍ରଥମ ପଦକ୍ଷେପ ପରି ସେ ଭଗବାନ୍, ଆଶା, ପୁନର୍ଜନ୍ମ, ସ୍ୱର୍ଗର କାନ୍ଧ ଧରି ଚାଲୁଛି । କିନ୍ତୁ କେତେଦିନ ଆଉ ସେ ଏମିତି ଶିଶୁ ହୋଇରହିବ ? କିନ୍ତୁ ଭଗବାନଙ୍କ ଅବିଶ୍ୱାସ ଫଳରେ ଆଜି ଜନ୍ମ ନେଇଛି ମଣିଷ ଗଢା ମେସିନ ଉପରେ ଏକ ଅହେତୁକୀ ବିଶ୍ୱାସ ।" (ଗଳ୍ପ ସମଗ୍ର- ପ୍ରଥମ ଭାଗ-ପୃ-୬୪୮-୬୪୯) ମୋଟ୍ ଉପରେ କହିବାକୁ ଗଲେ ନିଜର ଶୂନ୍ୟତାକୁ ପୂର୍ଣ୍ଣ କରିବାପାଇଁ ଧର୍ମ ଓ ବିଜ୍ଞାନ ମଧ୍ୟରେ ଧନ୍ଦି ହେଉଥିବା ମଣିଷ ଯେ ସ୍ୱୟଂ ସଂପୂର୍ଣ୍ଣ ତାହା ମଣିଷ ବୁଝିବା ଉଚିତ୍ । ଭଲ ଓ ମନ୍ଦ ନାମକ ଦୁଇଟି ଶବ୍ଦ ଭିତରେ ଘାଣ୍ଟିହୋଇ ନିଜକୁ ଖୋଜି ଚାଲିଥିବା ମଣିଷର ଅସହାୟତା ପ୍ରତିଫଳିତ ହୋଇଛି 'ଡିସ୍‌ରୀପେଗ୍' ଗଳ୍ପରେ । ଏହା ବ୍ୟତୀତ ଦେହ ଓ ମନ ମଧ୍ୟରେ ଚାଲିଥିବା ସଂଘର୍ଷକୁ ଗାଳ୍ପିକ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ଦେଇ ପ୍ରତିଫଳିତ କରିବା ପାଇଁ ମଧ୍ୟ ଉଦ୍ୟମ କରିଛନ୍ତି । ସାଧାରଣ ଓ ଅସାଧରଣ ଭିତରର ସୂକ୍ଷ୍ମ ପାର୍ଥକ୍ୟକୁ ଦର୍ଶାଇବା ସହ । ପରିବାର ନାମକ ସମୁଦ୍ରରେ ଭାସି ଚାଲିଥିବା ବ୍ୟକ୍ତିରୂପୀ ନୌକାର ଅସହାୟତା ପ୍ରତିଫଳିତ ହୋଇଛି 'ଦୂର ଅଦୂର' ଗଳ୍ପରେ । ପୁଣି ଏହି ସାଧାରଣ ଓ ଅସାଧରଣ ଭିତରେ ନିଜର ସ୍ଥିତିକୁ ଖୋଜି ଚାଲିଥିବା ମଣିଷର ଉଦ୍ୟମ ଦୃଷ୍ଟିରୁ ଏହା ଏକ ସଫଳ ଅସ୍ତିତ୍ୱବାଦୀ ଚେତନାଯୁକ୍ତ ସୃଷ୍ଟି ।" ଟିକିଏ ନିରେଖି ଚାହିଁଲେ, ଟିକିଏ ନିଜକୁ ପ୍ରଶ୍ନ ପଚାରିଲେ । ସତେ କ'ଣ ଯୁଗକୁ ଯୁଗ ଚାଲିଥିବ ଏମିତି । ତା'ର କ'ଣ ଆରମ୍ଭ ନ ଥିଲା ତାର କ'ଣ ଶେଷ ନାହିଁ । ଯଦି ଆରମ୍ଭ ଥିଲା- ତେବେ ତା ପୂର୍ବରୁ କଣ ଥିଲା । କେଉଁଥିରୁ ଏ ପୃଥିବୀ, କେଉଁଥିରୁ ଏ ଜଳବାୟୁ, ପର୍ବତ ନଦନଦୀ, ଗଛପତ୍ର, ପଶୁପକ୍ଷୀ ଶେଷକୁ ଏଇ ମଣିଷ । ପୁଣି ମଣିଷ ଭିତରେ ବ୍ୟକ୍ତିଟିଏ ମୁଁ । ନିଜ ଭିତରୁ ଚମକିପଡି ଉଠିଥିବା ଚେତନାଟିଏ ଛିଗୁଲାଇ ହୁଏ- କିଏ ତୁ । କିଏ ତୁ । (ଗଳ୍ପ ସମଗ୍ର- ଦ୍ୱିତୀୟଭାଗ- ପୃ-୩୧)" ମଣିଷ ଭିତରର ଅଦିମତା ହିଁ ପ୍ରକୃତ ସତ୍ୟ ଭଳି ଚିନ୍ତନର ପ୍ରତିଫଳନ ଘଟିଛି 'ସିସେସ୍‌ଲଣ୍ଡନ ମିଶ୍ର' ଗଳ୍ପରେ । ତେଣୁ ନିଜ ଭିତରର ଆଦିମତାକୁ ଅସ୍ୱୀକାର କରିବା ନିଜକୁ ଅସ୍ୱୀକାର କରିବା ସହିତ ସମାନ ଭଳି ଚିନ୍ତନ ଉକ୍ତ କୃତିକୁ ଅସାଧରଣ କରି ଗଢି ତୋଳିଛି । ହିରଣ୍ୟକଶ୍ୟପୁ ତୁଲ୍ୟ ଏ ଦେଶର ପୂର୍ବସୁରୀ ପ୍ରହ୍ଲାଦ ତୁଲ୍ୟ ପରବର୍ତ୍ତୀ ପିଢିଙ୍କୁ ଅସ୍ତିତ୍ୱହୀନ କରି ଚାଲିଛନ୍ତି ।" ତୁମେମାନେ ମିଶି ଖାଦ୍ୟରେ ଭେଜାଲ ମିଶେଇ ଆମକୁ ହୀନବୀର୍ଯ୍ୟ କରି ଦେଇଛ । ଔଷଧରେ ଭେଜାଲ କରି ଚିରରୁଗ୍‌ଣ କରିଦେଇଛ । ଶିକ୍ଷାରେ ଭେଜାଲ ମିଶାଇ ଆମକୁ ଅଜ୍ଞ କରି

ଦେଇଛ । ଚରିତ୍ରରେ ଭେଜାଲ କରି ଆମକୁ ଚରିତ୍ରହୀନ କରିଦେଇଛ । ସମାଜରେ ପଶୁବଳୀକୁ ପ୍ରତିଷ୍ଠା ଦେଇ ଆମକୁ ନୈତିକତାହୀନ ଜାନୁଆର କରିଦେଇଛ । ଦାୟିତ୍ୱକୁ ଜାବୁଡି ଧରି ଆମକୁ ଦାୟିତ୍ୱହୀନ କରିଦେଇଛ । ଆମେ ଆଜି କିଛି ନୋହୁଁ- କେବଳ ହୀନବୀର୍ଯ୍ୟ, ପଙ୍ଗୁ, ପଶୁ ତମମାନଙ୍କର ହଳ ଟାଣୁଛୁ- ଗାଡି ଟାଣୁଛୁ- ତମମାନଙ୍କର ସର୍କସରେ ଖେଳ ଦେଖାଉଛୁ ।” (ଗଳ୍ପ ସମଗ୍ର- ଦ୍ୱିତୀୟବାଗ- ପୃ- ୧୪୫) ଏହିପରି ଆଦର୍ଶ ନାମରେ ପୂର୍ବ ପିଢି ତାଙ୍କ ପର ପିଢି ପାଇଁ ଯାହା ଛାଡି ଯାଇଛନ୍ତି ତାହା କେବଳ ମିଥ୍ୟା ପ୍ରତାରଣା ଛଡା ଅନ୍ୟ କିଛି ନୁହେଁ । ତେଣୁ ଦିନେ ଏପରି ସମୟ ଆସିବ ଯେଉଁଦିନ ଏହି ପିଢି ନିଜ ଅସ୍ତିତ୍ୱ ନିମନ୍ତେ ସଂଘର୍ଷ କରିବା ପାଇଁ ଆଗେଇ ଆସିବ ଭଳି ବାର୍ତ୍ତା ଦେଖିବାକୁ ମିଳେ ‘ପ୍ରହ୍ଲାଦ’ ଗଳ୍ପରେ । ପରିବର୍ତ୍ତନଶୀଳ ସମୟ କିପରି ମଣିଷକୁ ନିଜକୁ ନିଜେ ଅନୁସନ୍ଧାନ କରିବା ଶିଖେଇ ଦିଏ ତାହାର ସୂଚନା ରହିଛି ‘ବିଷୁବରେଖା’ ଗଳ୍ପରେ । ଯୁଦ୍ଧ ପରବର୍ତ୍ତୀ ଅସହାୟତା ଓ ଯନ୍ତ୍ରଣା ମଣିଷ ବିଶେଷକରି ଯୁବଗୋଷ୍ଠୀଙ୍କ ଭିତରେ ଯେଉଁ ‘ମୁଁ’ତ୍ୱର ବିକାଶ ଘଟାଇଥିଲା ବା ଅନ୍ୟ ଭାବେ କହିଲେ ଯେଉଁ ଅସ୍ତିତ୍ୱବାଦୀ ଚେତନାର ପ୍ରତିଫଳନ ଘଟିଥିଲା “ପ୍ରତ୍ୟେକ ମଣିଷ ନିଜ ପାଇଁ ହିଁ ଦାୟୀ- ନିଜକୁ ଗଢିବାରେ ନିଜକୁ ଭାଙ୍ଗିବାରେ ସେ ନିଜେ ହିଁ ନିଜର ନିୟାମକ ଆତ୍ମା । ନାହିଁ ଈଶ୍ୱର- ନାହିଁ ଭାଗ୍ୟ ନାହିଁ କିଛି ନାହିଁ ସନ୍ନ୍ୟାସୀ ! କିଛି ନାହିଁ । ମୁଁ କେବଳ ମୁଁ । ଏକ ବିଚ୍ଛିନ୍ନ- ଏକାକୀ ବ୍ୟକ୍ତିଟିଏ । ମୋର କାହା ପ୍ରତି କିଛି କର୍ତ୍ତବ୍ୟ ନାହିଁ- କାହାରି ପ୍ରତି କିଛି ମମତା ନାହିଁ । ମୁଁ ନିଜ ଜୀବନକୁ ବଞ୍ଚିବି ନିଜ ସ୍ୱଇଚ୍ଛାରେ, ଧ୍ୱଂସ କରିବି ନିଜସ୍ୱ ଇଚ୍ଛାରେ । ମୁଁ ଜୀବନକୁ ଦେବି ତା’ର ନିଜସ୍ୱ ସଂଜ୍ଞା ।” (ଗଳ୍ପ ସମଗ୍ର- ଦ୍ୱିତୀୟ ଭାଗ- ପୃ- ୨୩୦) ତା ପ୍ରତି ଆକ୍ଷେପୋକ୍ତି ବା ଅନ୍ୟ ଭାବେ କହିଲେ ହେଗେଲଙ୍କର ‘Absolute Idealism’ ପ୍ରତି ସମର୍ଥନ ଦେଖିବାକୁ ମିଳେ ‘ପ୍ରାଚୀ-ପ୍ରତିଚୀ’ ଗଳ୍ପରେ । ପ୍ରକୃତରେ ଆଦର୍ଶ ନାମରେ ମଣିଷ କିପରି ନିଜର ଧ୍ୱଂସ ସାଧନ କରିଚାଲିଛି ତାକୁ ଗାଳ୍ପିକ ଚମତ୍କାର ଭାବେ ପ୍ରତିଫଳିତ କରିଛନ୍ତି । ‘ମୁଁ’ ତ୍ୱକୁ ଗୁରୁତ୍ୱ ଦେଇ ଅନ୍ୟ ଆଦର୍ଶକୁ ଅସ୍ୱୀକାର କରୁଥିବା ମଣିଷ କେବେ ଅମୃତର ସନ୍ତାନ ହୋଇପାରିବ ନାହିଁ । କାରଣ ଯେଉଁ ନିଜତ୍ୱର ମାୟାରେ ସେ ନିଜକୁ ଶ୍ରେଷ୍ଠ ମଣୁଛି । ସେ ଭୁଲି ଯାଉଛି ଯେ ବୃକ୍ଷର ପୁଷ୍ପପରି ସେ ମଧ୍ୟ ମଣିଷ ଜାତିର ଏକ ଅଂଶ । ଆଉ ସେହି ଅଂଶରୁ ବିଚ୍ଛିନ୍ନ ହେବା ପୁଷ୍ପ ବୃକ୍ଷରୁ ବିଚ୍ଛିନ୍ନ ହେବା ସହ ସମାନ ।” କିନ୍ତୁ ପଲତମେ ବିଚ୍ଛିନ୍ନ ନୁହେଁ । ତମେ ଏକାକୀ ନୁହେଁ । ତମର ଚେର ଲମ୍ବିଛି ଆଜିଠାରୁ ପ୍ରାୟ ପନ୍ଦରଲକ୍ଷ ବର୍ଷତଳକୁ ଯୋଉଦିନ ପ୍ରଥମକରି ମଣିଷର ଆବିର୍ଭାବ ଘଟିଥିଲା ଏଇ ପୃଥିବୀରେ । ସେଇ ପ୍ରଥମ ପୁରୁଷର ସାତତାଳ ପଙ୍କ ଭିତରେ ନିହିତ ରହିଥିବା ଚେର ଓ ବୃକ୍ଷର ତମେ ଫୁଲଟିଏ ମାତ୍ର । ତମେ ଏହାକୁ ଅସ୍ୱୀକାର କରିପାରିବ ନାହିଁ । ମନୁଷ୍ୟ ସମାଜର ବିରାଟ ବନସ୍ପତି ଭିତରେ ତମେ ଏକୁଟିଆ ଫୁଲଟିଏ କିନ୍ତୁ ସେଇ ବୃକ୍ଷର ପ୍ରତ୍ୟେକଟି ସବୁଜକଣା ସହିତ ତମେ ସଂପୃକ୍ତ । ତାଙ୍କ ନାମ ବିନା ତମର ସ୍ଥିତି ନାହିଁ- ତମ ବିନା ତାଙ୍କର ଅସ୍ତିତ୍ୱ ନାହିଁ ।” (ଗଳ୍ପ ସମଗ୍ର- ଦ୍ୱିତୀୟଭାଗ-ପୃ-୨୩୧) ପ୍ରକୃତ ପକ୍ଷେ ବିବେଚନା କଲେ ମଣିଷ ନିଜକୁ ଅତିବେଶୀ ଭୟକରେ ଅଥବା ଭଲପାଏ । ତେଣୁ ସେ ନିଜକୁ ସାମ୍ନାସାମ୍ନି ହେବାକୁ ଭୟ କରେ ତେଣୁ ସେ ସାଥି ଖୋଜେ ମେଳି ବାନ୍ଧେ, ଗୋଠରେ ରହିବାକୁ ଭଲପାଏ । ଏହାଭିତରୁ ବି କିଛି ଅସ୍ତିତ୍ୱବାନ ବ୍ୟକ୍ତିଙ୍କ ଭିତରେ ଆତ୍ମସତ୍ତାକୁ ସ୍ୱୀକାର କରିବାର ସାହାସ ରହିଥାଏ । ଏହାର ସୂଚନା ଦେଖିବାକୁ ମିଳେ ‘ନିଜସ୍ୱ ଇଲାକା’ ଗଳ୍ପରେ । ବିବର୍ତ୍ତନ କ୍ରମରେ ହୋମୋସେପିଆନ୍‌ସଙ୍କଠାରୁ ସୃଷ୍ଟି ମାନବଜାତି ପଶୁ, ଦେବତା ଅଥବା ଯୋଗୀର ଆଖିରେ ସମାନ ଦିଶିପାରେ । ହେଲେ ମଣିଷ ଆଖିରେ ଦେଖିଲେ ପ୍ରତ୍ୟେକଟି ମଣିଷ ଏକ ସ୍ୱତନ୍ତ୍ର ବ୍ୟକ୍ତିତ୍ୱ । ପ୍ରତ୍ୟେକଟି ମଣିଷର ଏକ ସ୍ୱତନ୍ତ୍ର ଅସ୍ତିତ୍ୱ ରହିଛି ଭଳି ଅସ୍ତିତ୍ୱବାଦୀ ଚିନ୍ତନକୁ ଗାଳ୍ପିକ ପ୍ରତିଫଳିତ କରିଛନ୍ତି ‘ପିଣ୍ଟୁରସାତୋଟି ନିର୍ଦ୍ଦେଶନାମା’ ଗଳ୍ପରେ । ପ୍ରତ୍ୟେକଟି ଜୀବଜନ୍ତୁର ସ୍ୱାଭାବିକ ପ୍ରବୃତ୍ତି ଭଳି ମଣିଷର ମଧ୍ୟ ସ୍ୱାଭାବିକ ପ୍ରବୃତ୍ତି ରହିଛି । ଏହି ପ୍ରବୃତ୍ତିର ପରିପ୍ରକାଶ ପାପ ନୁହେଁ ମାତ୍ର ତାକୁ ଅସ୍ୱୀକାର କରିବା ହିଁ ପାପ ଭଳି ବାର୍ତ୍ତା ପ୍ରକାଶ ପାଇଛି ‘ମିସ୍‌କାରୋଲିନାକୁଜୁର୍’ ଗଳ୍ପରେ । ପ୍ରେମକୁ କେନ୍ଦ୍ରକରି ମଣିଷ ଭିତରର ଏକାକୀତ୍ୱ ଏବଂ ନିଃସଂଗତାର ଚମତ୍କାର ପ୍ରତିଫଳନ ଦେଖିବାକୁ ମିଳେ ‘କୁନି’ ଗଳ୍ପରେ । ଜୀବନ ଅନୁଭବ ନୁହେଁ ଅନୁଭୂତିର କାହାଣୀ ଏହାର ନିଦର୍ଶନ ରହିଛି ‘ଚାରୋଟି ମୁହୂର୍ତ୍ତର କାହାଣୀ’ ଗଳ୍ପରେ । ସୃଷ୍ଟିର ପ୍ରାରମ୍ଭରେ ବାଘ, ଭାଲୁ, ହାତୀ ଭଳି ପଶୁମାନଙ୍କ ସଦୃଶ ମଣିଷବି ଥିଲା ମୁକ୍ତ । ମାତ୍ର ଏହି ମଣିଷ ଧିରେ ଧିରେ ମୁକ୍ତ ତାକୁ ଅସଭ୍ୟତାର ନାମ ଦେଇ ପରାଧୀନତା ସଦୃଶ ସଭ୍ୟତାର ମୁଖା ଧାରଣ କଲା । ହେଲେ ନିଜର ପ୍ରକୃତ ପ୍ରବୃତ୍ତିକୁ ପରିବର୍ତ୍ତନ କରିବା ଏହି ମଣିଷ ପକ୍ଷରେ ଅସମ୍ଭବ । ତେଣୁ ସଭ୍ୟତାର ମୁଖା ଭିତରେ ଛଟପଟ

ହେଉଥିବା ପ୍ରକୃତ ମଣିଷଟି ଅସାବଧାନତା ବଶତଃ ବେଳେବେଳେ ବାହାରକୁ ଉଙ୍କିମାରେ । ଯାହାକୁ ସଭ୍ୟତାର ଢାଙ୍କୁଣି ଘୋଡାଇଥିବା ମଣିଷ ସମାଲୋଚନା କରେ । ମାତ୍ର ପ୍ରକୃତରେ ଦେଖିବାକୁ ଗଲେ ପ୍ରତ୍ୟେକଟି ସାମାଜିକ ମଣିଷ ଅନ୍ତରରେ ଯେ ଅସାମାଜିକ ତାହାର ଚମତ୍କାର ପ୍ରତିଫଳନ ଦେଖିବାକୁ ମିଳେ ଗାଳ୍ପିକଙ୍କର 'ଏକ ଲମ୍ପଟର ଅର୍ଜି' ଗଳ୍ପରେ । ଏତଦ୍ ବ୍ୟତୀତ ଉକ୍ତ କୃତିରେ ଗାଳ୍ପିକ ଏକ ଅସ୍ତିତ୍ୱବାଦୀ ତୁଲ୍ୟ ସମାଜର ରୁଢ଼ିବାଦୀ ପରମ୍ପରାକୁ ସମାଲୋଚନା କରିବା ସହ ସଭ୍ୟତାର ଢାଙ୍କୁଣି ଭିତରେ ଛଟପଟ ହେଉଥିବା ପ୍ରକୃତ ମଣିଷର ବାର୍ତ୍ତାଟିକୁ ପ୍ରତିଫଳିତ କରିବାପାଇଁ ଉଦ୍ୟମ କରିଛନ୍ତି । ଆଜି ସମାଜ ଓ ସଂସାର ଭିତରେ ରହିବି ପ୍ରତ୍ୟେକଟି ମଣିଷ ନିହାତି ଏକା । ତେଣୁ ଏହି ଭାବେ ଦେଖିଲେ ପ୍ରତ୍ୟେକଟି ମଣିଷ ଜଣେ ଜଣେ ସନ୍ୟାସୀ । ଏହିଭଳି ଏକ ବାର୍ତ୍ତା ଦେଖିବାକୁ ମିଳେ ଗାଳ୍ପିକଙ୍କର 'ସନ୍ୟାସୀ' ଗଳ୍ପରେ । ଏହିପରି 'କଲେଜ ଛକର ସନ୍ଧ୍ୟା' ଗଳ୍ପରେ ମଧ୍ୟ ମଣିଷ ଭିତରରଏକାକୀତ୍ୱ ଓ ନିଃସଂଗତାକୁ ପ୍ରତିଫଳିତ କରିଛନ୍ତି ଗାଳ୍ପିକି । "ଆମେ କେତେ ପାଖରେ ଅଥଚ କେତେ ଦୂରରେ । ଏତେ ମିଳାମିଶା, ହସଖୁସି, ନାଚଗୀତ ଭିତରେ ଆମେ ନିଜକୁ ଯେତେ ଅପରର ସଙ୍ଗେ ସଂଶ୍ଳିଷ୍ଟ କଲେ ବି ବାସ୍ତବରେ ଆମେ ଏକାକୀ । ଏଇ ସତ୍ୟଟାକୁ ଲୁଚାଇବାକୁ ଆମର ମିଳାମିଶା ଏଇ ଆତ୍ମ-ପ୍ରବଞ୍ଚନା ନୁହେଁ ?" (ଗଳ୍ପ ସମଗ୍ର- ପ୍ରଥମଭାଗ-ପୃ- ୧୩୭) ମଣିଷ ଭିତରେ ନିଜକୁ ନିଜେ ତଉଲିବା ବା ନିଜର ପ୍ରତ୍ୟେକଟି ପ୍ରବୃତ୍ତକୁ ତଉଲିବାର ମାନସିକତା ଦେଖିବାକୁ ମିଳେ 'ବୃତ୍ତ' ଗଳ୍ପରେ । ବିଶେଷକରି ପଶୁରୁ ମଣିଷ ବନିଥିବା ଜନ୍ତୁଟି ଭିତରେ ଜୀବନ ବୃତ୍ତି ଅପେକ୍ଷା ମୃତ ବୃତ୍ତି କେତେ ମାତ୍ରାରେ କ୍ରିୟାଶୀଳ ତାହାକୁ ଗାଳ୍ପିକ ଚମତ୍କାର ଭାବେ ପ୍ରତିଫଳିତ କରିଛନ୍ତି ।

**ସଂକେତ ସୂଚୀ :**


1. **Macquarrie, John (1972). Existentialism. New York: Penguin. pp. 14–15.**
2. **Solomon, Robert C. (1974). Existentialism. McGraw-Hill. pp. 1–2.**
3. **Jump up to:[a b c d e f] Crowell, Steven (October-2010" Existentialism". Stanford Encyclopedia of Philosophy**
4. **The company Zare, Mehdi. Being in the mirror (Introduction to perspective a. thinking about death Heidegger's ontology and its application). J. Philos., b. No. 42. 2010.**
5. **https://www.cambridge.org/core/journals/modern-intellectual-history**
6. **Singer, Daniel (5 June 2000). "Sartre's Roads to Freedom". The Nation. Archived from the original a. on 2 June 2008. Retrieved 9 May 2009.**
7. **Freitas, Frances Anne; Leonard, Lora J. (January 2011). "Maslow's hierarchy of needs and student academic success". Teaching and Learning in Nursing. (1): 9–13. doi:10.1016/j.teln.2010.07.004. ISSN 1557-3087.**
8. **These are two eyes, two ears, two nostrils, one mouth, two organs of evacuation/excretion, navel, and Brahmarandhram - the aperture at the top of head through which Atman links with Cosmic Self. See Paul Deussen, Sixty Upanishads of the Veda, Volume 1, Motilal Banarsidass, ISBN 978-8120814684, page 293**
9. **Jump up to:[a b c d] WD Whitney, Translation of the Katha-Upanishad, Transactions of the American Philological Association, Vol. 21, pages 107-108**



ସହକାରୀ ପ୍ରାଧ୍ୟାପକ
ଓଡ଼ିଆ ବିଭାଗ
ବିଶ୍ୱଭାରତୀ ଶାନ୍ତିନିକେତନ, ପଶ୍ଚିମବଙ୍ଗ